## ସଂକ୍ଷେପରେ

### ଅବକାରୀ ବିଭାଗ ଚଢ଼ାଉ, ୪ ଗିରଫ

ପାଟଣା, ୬।୯(ସ୍ୱ.ପ୍ର): କେନ୍ଦୁଝର ଜିଲା ପାଟଣା ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ଘଟଗାଁ ଓ ପାଟଣା ଥାନା ଅଞ୍ଚଳରେ ଚଢ଼ାଉ କରାଯାଇ ମୋଟ ୨୦୫ ଲିଟର ମହୁଲି ମଦ, ୬ କ୍ୱିଣ୍ଟାଲ ମହୁଲ ଫୁଲ, ୨ ସାଇକେଲ, ମଦ ରନ୍ଧା ସାମଗ୍ରୀ ଜବତ କରାଯିବା ସହ ୩ ହଜାର ୭୮୦ କିଗ୍ରା ପୋଚ ନଷ୍ଟ କରାଯାଇଛି। ଏଥିରେ ସଂପୃକ୍ତ ୪ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଘଟଗାଁ ଥାନା ଜାମୁଲେଇ ବେଡାର ବିରବଲ ମୁଣ୍ଡା, ସନାତନ ମୁଣ୍ଡା, ଭାଲିଆଡିହାର କରନ ହାଁସଦା ଓ ହରେମ ମାଝୀ। ଏହି ଚଢ଼ାଉରେ ଅବକାରୀ ନିରୀକ୍ଷକ ବେଣୁଧର ସାମଲ, ପାଟଣା ଅବକାରୀ ଅଧିକାରୀ ରମେଶ ଚନ୍ଦ୍ର ମହାନ୍ତି, ଘଟଗାଁ ଅଧିକାରୀ ଗୋକୁଳାନନ୍ଦ ଧଳ, କେନ୍ଦୁଝରର ରଞ୍ଜନ ପାତ୍ର ,ଏଏସଆଇ ରଙ୍ଗନାଥ ପାତ୍ର ଓ ରଞ୍ଜନ ସାହୁଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ଥିଲେ।

### ଗାଡ଼ି ଧକ୍କାରେ ଛାତ୍ରୀ ଗୁରୁତର

ଆନନ୍ଦପୁର, ୬।୯ (ସ୍ୱ.ପ୍ର.): ଆନନ୍ଦପୁର କଲେଜ ନକଟରେ ଏକ ଗାଡ଼ି ଧକ୍କାରେ ଜଣେ ଯୁକ୍ତ ୨ ଛାତ୍ରୀ ଗୁରୁତର ଆହତ ହୋଇଛନ୍ତି। ମଙ୍ଗଳବାର ସକାଳେ ଛାତ୍ରୀ ଜଣକ କମ୍ପ୍ୟୁଟର ଇନିଷ୍ଟିଚ୍ୟୁଟ ଆସୁଥିବା ସମୟରେ ଭଦ୍ରକ ଅଭିମୁଖେ ଯାଉଥିବା ଏକ ଇନୋଭା ଗାଡି ତାଙ୍କୁ ଧକ୍କାଦେଇ ଫେରାର ହୋଇଯାଇଥିଲା। ଅଗ୍ନିଶମ ଅଧିକାରୀ ପ୍ରତାପ ସିଂହ ଓ ଅଗ୍ନିକମାନେ ଛାତ୍ରୀଙ୍କୁ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି। ସିସିଟିଭି ଯାଞ୍ଚ କରାଯାଇ ଦୁର୍ଘଟଣା ଘଟାଇଥିବା ଗାଡିକୁ ଜବତ କରିବାକୁ ଉଦ୍ୟମ କରାଯାଉଥିବା ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।

### ଦୁର୍ଘଟଣାରେ ଜଣେ ମୃତ, ୧ ଆହତ

କେନ୍ଦୁଝର, ୬।୯ (ସ୍ୱ.ପ୍ର): କେନ୍ଦୁଝର ଜିଲା ଜାତୀୟ ରାଜପଥ ୨୦ର ଜଡିଚାତର ଠାରେ ସଡକ ଦୁର୍ଘଟଣାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଛି। ଅନ୍ୟ ଜଣେ ଆହତ ହୋଇଛନ୍ତି। ମଙ୍ଗଳବାର ପ୍ରାୟ ୧୨.୩୦ ମିନିଟ ସମୟରେ ବାଇକରେ ଯାଉଥିବା ଦୁଇଜଣଙ୍କୁ ଏକ ଟ୍ରକ ଧକ୍କା ଦେଇଥିଲା। ବାଇକ ଚାଳକ ସ୍ମୃତିରଞ୍ଜନ ବାରିକ (୨୨) ଟ୍ରକ ଚକାତଳେ ଚାପି ହୋଇଯିବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ଘର ଟାଉନ ଥାନା ଅନ୍ତର୍ଗତ ଧୋବାଡିହା ଗ୍ରାମରେ। ବାଇକ ପଛପଟେ ବସିଥିବା ଟାଉନଥାନା ବିହାରୀ ସାହିର ପ୍ରକାଶ ସାହୁ (୨୦) ଗୁରୁତର ଆହତ ହୋଇଛନ୍ତି। ଦୁର୍ଘଟଣା ସ୍ଥଳରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ସଦର ପୁଲିସ ପରିସ୍ଥିତି ନିୟନ୍ତ୍ରଣ କରିଥିବାବେଳେ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନାକୁ ପଠାଇଛି। ପୋଲିସ ମାମଲା ରୁଜୁ କରି ଟ୍ରକ ଓ ବାଇକକୁ ଜବତ କରିଛି।

### ସ୍ୱାମ ଶାସନରେ ହରିହାଟ

ପାଟଣା, ୬।୯(ସ୍ୱ.ପ୍ର): କେନ୍ଦୁଝର ଜିଲା ପାଟଣା ବ୍ଲକ ବଡ଼ପାଟଣା ପଞ୍ଚାୟତ ସ୍ୱାମ ଶାସନରେ ମଙ୍ଗଳବାର ବଡ଼ ଏକାଦଶୀ ଅବସରରେ ହରିହାଟ ପାଳିତ ହେଉଛି। ଗାଁ ମଣ୍ଡପରେ ଶ୍ରୀରାମ, ଲକ୍ଷ୍ମଣ, ସୀତା, ହନୁମାନଙ୍କ ମୂର୍ତ୍ତି ସ୍ଥାପନ କରି ବିଶ୍ୱ କଲ୍ୟାଣ ସକାଶେ ହରିହାଟ ଅନୁଷ୍ଠିତ ହେଉଛି। ମୁଖ୍ୟ ପୂଜକ ପଣ୍ଡିତ ଅଲେଖ ତ୍ରିପାଠୀ, କର୍ତ୍ତା ଦୈତାରୀ ଶତପଥୀ, ପୂଜକ ଶିବ ପ୍ରସାଦ ଦାଶ, ଅଜିତ କୁମାର ଦାଶ, ଲୋକନାଥ ମିଶ୍ର, ବିରମୋହନ ଦ୍ୱିବେଦୀ ପୂଜାଯଜ୍ଞ ସମ୍ପନ୍ନ କରିଥିବା ବେଳେ ବଳଭଦ୍ର କର, ଜ୍ୟୋତିର୍ମୟ ତ୍ରିପାଠୀ, ହିମାଂଶୁ ଶେଖର ମିଶ୍ର, ଗୌରୀରଞ୍ଜନ ମିଶ୍ର, ସୁମିତ କୁମାର ପତି, ଗିରିଜା ଶଙ୍କର ମିଶ୍ର, ପ୍ରଦୀପ କୁମାର ଦାଶ, ଶଶିଭୂଷଣ ପତି, ଗନ୍ଧର୍ବ ରାଜ ମିଶ୍ର, ତପନ କୁମାର କର ପୁରାଣ ଆବୃତ୍ତି କରିଥିଲେ।

### ମଦ ବେପାରୀ ଗିରଫ

ବନ୍ତ,୬।୯(ଡି.ଏନ୍.ଏ.): ଭଦ୍ରକ ଜିଲା ବନ୍ତ ବ୍ଲକ କେନ୍ଦୁଆପଦା ଫାଣ୍ଡି ଅଧୀନ ରାମକୃଷ୍ଣପୁର ଗ୍ରାମରେ ପୋଲିସ ସୋମବାର ରାତିରେ ଚଢ଼ାଉ କରି ୫୦ ଲିଟର ବିଦେଶୀ ମଦ ଜବତ କରିଛି। ଏଥିରେ ସମ୍ପୃକ୍ତ ସେହିଗ୍ରାମର ଅଜୟ ବିଶ୍ୱାଳଙ୍କୁ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଏନେଇ ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ଏକ ମାମଲା(ନଂ.୪୬୪/୨୨)ରୁଜୁ ହୋଇଛି।

### ଅନ୍ୱେଷା ଛାତ୍ରାବାସରେ ଗୁରୁଦିବସ

ଚମ୍ପୁଆ ୬।୯(ଡି.ଏନ.ଏ): ଚମ୍ପୁଆସ୍ଥିତ ରାମଲାଠାରେ ଅବସ୍ଥିତ ଅନ୍ୱେଷା ଛାତ୍ରାବାସରେ ଗୁରୁଦିବସ ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବରେ ସହକାରୀ ସମାଜ ମଙ୍ଗଳ ଅଧିକାରୀ ପ୍ରବୀର ଦେଓ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ କେଇଏମଏସର ଅଧକ୍ଷ ବିଜୟ ଭାରତୀ, ଚନ୍ଦ୍ରଶେଖର ଇଂରାଜୀ ମାଧମ ବିଦ୍ୟାଳୟର ଡାଇରେକ୍ଟର ଭୋଳାନାଥ ମହାନ୍ତ, ବ୍ଲକ ମଙ୍ଗଳ ଅଧିକାରୀ ରବୀନ୍ଦ୍ରନାଥ ସାମନ୍ତରାୟ ଓ ସୁପରିଟେଣ୍ଡେଣ୍ଟ ଜୟରାମ ମୁଣ୍ଡା ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ରମାକାନ୍ତ ପ୍ରଧାନ ଯୋଗ ଦେଇଥିଲେ।

# ବିନା ସିଟିଓ ପ୍ରମାଣପତ୍ରରେ ଚାଲିଛି ହୋଟେଲ, ଲଜ୍

## କେନ୍ଦୁଝର ଜିଲାରେ ଜଳ ପ୍ରଦୂଷଣ ବଢ଼ୁଛି

କେନ୍ଦୁଝର, ୬।୯ (ସ୍ୱ.ପ୍ର)

କେନ୍ଦୁଝର ଜିଲାରେ ଦିନକୁ ଦିନ ବୃଦ୍ଧିପାଉଛି ହୋଟେଲ, ଲଜ୍ ଶିଳ୍ପ। କେନ୍ଦୁଝର ସହର ସମେତ ଜିଲାର ବିଭିନ୍ନ ସହରରେ ବଡ଼ ବଡ଼ ହୋଟେଲ ଏବଂ ଲଜ୍ ଖୋଲୁଛି। କିନ୍ତୁ ଏକାଧିକ ହୋଟେଲ ଓ ଲଜ୍ ବିନା ଅନୁମତିରେ ଏବଂ ନିୟମ ଉଲ୍ଲଂଘନ କରି ଚାଲୁଥିବା ଅଭିଯୋଗ ହେଉଛି। ହୋଟେଲ ଓ ଲଜ୍ ଚଳାଇବା ପାଇଁ ଅନୁମତି ପତ୍ର (କନସେଣ୍ଟ ଟୁ ଅପରେଟ) ପ୍ରଦୂଷଣ ବୋର୍ଡ ନିକଟରୁ ଆଣିବାର ନିୟମ ଥିବା ବେଳେ ଜିଲାରେ ମାତ୍ର ୧୫ଟି ହୋଟେଲ ଓ ଲଜ୍ ଏହି ଅନୁମତି ପତ୍ର ନେଇ ଚଳାଉଥିବା ଜଣାପଡ଼ିଛି। ୧୦୦ରୁ ଉର୍ଦ୍ଧ୍ୱ ହୋଟେଲ ଓ ଲଜ୍ ନିକଟରେ ଅନୁମତି ପତ୍ର ନାହିଁ। ହୋଟେଲ ଏବଂ ଲଜ୍‌ର ରୁମ୍, କନଫରେନ୍ସ ହଲ, ଡାଇନିଂ ହଲ, ବସିବା କ୍ଷମତା ଆଧାରରେ ଅନୁମତି ପତ୍ର ଦିଆଯାଇଥାଏ। କେତେକ ହୋଟେଲ ୫ ବର୍ଷ ପାଇଁ ସିଟିଓ ନେଇଥିବା ବେଳେ ଆଉ କିଛି ହୋଟେଲ ଏବଂ ଲଜ୍‌କୁ ୧୦ ବର୍ଷ ପାଇଁ ସିଟିଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଦିଆଯାଇଛି, ଯାହାକି ସନ୍ଦେହଜନକ। ହୋଟେଲ ଓ ଲଜ୍‌ର ଭିତ୍ତିଭୂମି ତଦାରଖ କରାନଯାଇ କେମିତି ୫ବର୍ଷ ଓ ୧୦ବର୍ଷ ପାଇଁ ସିଟିଓ ଦିଆଯାଉଛି ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି ହୋଟେଲ ଏବଂ ଲଜ୍‌ର ବର୍ଜ୍ୟଜଳ ବିଶୋଧନ କରାନଯାଇ ସିଧାସଳଖ ଡ୍ରେନରେ ଛଡ଼ା ଯାଉଥିବାରୁ ଜଳ ପ୍ରଦୂଷଣ ବଢ଼ୁଛି। ଏପରିକି କିଛି ହୋଟେଲ ଏବଂ ଲଜ୍ ପାଇଖାନା ଟାଙ୍କି ପାଣି ମଧ୍ୟ ଟ୍ରିଟମେଣ୍ଟ ନ କରି ଡ୍ରେନରେ ଛାଡୁଥିବାରୁ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ହୋଟେଲ ଏବଂ ଲଜ୍‌ର ବର୍ଜ୍ୟଜଳ ଇଟିପି ମାଧ୍ୟମରେ ଟ୍ରିଟମେଣ୍ଟ ହେବା ପରେ ଡ୍ରେନରେ ଛଡାଯିବାର ନିୟମ ରହିଛି। ମାତ୍ର ତାହା କରାନଯାଇ ସିଧାସଳଖ ଡ୍ରେନରେ ଛଡ଼ାଯାଉଛି। ତେଣୁ ଏହିସବୁ ହୋଟେଲ ଓ ଲଜ୍‌ଗୁଡ଼ିକରେ ସଠିକ୍ ଯାଞ୍ଚ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ସେହିପରି ପାର୍କିଂ ବ୍ୟବସ୍ଥା ନଥାଇ ଏବଂ ଅଗ୍ନି ନିର୍ବାପକ ସୁରକ୍ଷା ବ୍ୟବସ୍ଥା ନଥାଇ ଏହିସବୁ ହୋଟେଲ, ଲଜଗୁଡିକୁ କିପରି ଅନୁମତି ଦିଆଯାଇଛି ସେସବୁର ଜିଲାପାଳ ତଦନ୍ତ କରିବାକୁ ସହରବାସୀ ଦାବି କରିଛନ୍ତି। ଏନେଇ ଓଡିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ପ୍ରଶାନ୍ତ କରଙ୍କୁ ପଚାରିବାରୁ ସେ କହିଛନ୍ତି, ହୋଟେଲ ଲଜ୍‌ଗୁଡ଼ିକୁ ଚିହ୍ନଟ କରାଯାଇ ପ୍ରଦୂଷଣର ମାତ୍ରା ଅନୁସାରେ ତିନି ପ୍ରକାର (ରେଡ, ଅରେଞ୍ଜ, ଗ୍ରୀନ) ଅନୁମତି ପତ୍ର ଦିଆଯାଇଥାଏ । ତେବେ କେଉଁ ଆଧାରରେ ପ୍ରମାଣପତ୍ର ଦିଆଯାଇଛି ସେନେଇ ଯାଞ୍ଚ କରି ପଦକ୍ଷେପ ନେବେ।

# କୁଡୁମୀ ସମ୍ପ୍ରଦାୟ ପାଳିଲେ କଳା ଦିବସ



କୁଡୁମୀ ସମ୍ପ୍ରଦାୟ ପକ୍ଷରୁ କଳାଦିବସ ପାଳନ କରାଯାଉଛି।

ବାରିପଦା ଅଫିସ,୬।୯

କୁଡୁମୀ ଜାତିକୁ ପୁନଃ ଆଦିବାସୀ ତାଲିକାଭୁକ୍ତ କରିବା ଦାବିରେ ରାଜ୍ୟ କୁଡୁମୀ ସେନା ପକ୍ଷରୁ ସେପ୍ଟେମ୍ବର ୬ତାରିଖକୁ ଅନ୍ୟାୟ ଦିବସ ବା କଳା ଦିବସ ଭାବେ ପାଳନ କରାଯାଇଛି। ସେନାର ରାଜ୍ୟ ସଭାପତି ଜୟମୁନି ମହାନ୍ତଙ୍କ ନେତୃତ୍ୱରେ ଶତାଧିକ କର୍ମକର୍ତ୍ତା ବାରିପଦା ମଧୁବନଠାରୁ ଏକ ରାଲିରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। କର୍ମକର୍ତ୍ତାମାନେ ମୁଣ୍ଡରେ କଳାପଟି ବାନ୍ଧି ପ୍ରତିବାଦ ଜଣାଇବା ସହିତ ନ୍ୟାର୍ଯ୍ୟ ଦାବି ପୂରଣ କରିବାକୁ ସ୍ଲୋଗାନ ଦେଇଥିଲେ। ୧୯୫୦ ସେପ୍ଟେମ୍ବର ୬ତାରିଖରୁ କୁଡୁମୀ ସମ୍ପ୍ରଦାୟକୁ ଆଦିବାସୀ ତାଲିକାରୁ ବାଦ ଦିଆଯାଇଥିବାରୁ ଏହି ଦିବସକୁ କଳା ଦିବସ ଭାବେ ପାଳନ କରାଯାଇ ଆସୁଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ସେନାର ଉପସଭାପତି ଉପେନ୍ଦ୍ର ମହାନ୍ତ, ରାଜ୍ୟ ସମ୍ପାଦକ ବିବେକାନନ୍ଦ ମହାନ୍ତ, ଜୟକୃଷ୍ଣ ମହାନ୍ତ, ସୁଜାତା ମହାନ୍ତ, ଡମ୍ବରୁଧର ମହାନ୍ତ, ସାଇରାମ ମହାନ୍ତ, ବିଶ୍ୱନାଥ ମହାନ୍ତ, ବୀରେନ୍ଦ୍ର ମହାନ୍ତ, ଘନ ମହାନ୍ତ, ସସ୍ମିତା ମହାନ୍ତ, ଅଞ୍ଜଳି ମହାନ୍ତଙ୍କ ସମେତ ବହୁ କର୍ମକର୍ତ୍ତା ପ୍ରକାଶ କରିଛନ୍ତି।

# ଅଧାରୁ ବନ୍ଦ ରହିଲା ଜବରଦଖଲ ଉଚ୍ଛେଦ



ପୋଲିସ, ଶ୍ରମିକ ନେତା ଓ ଦୋକାନୀଙ୍କ ମଧ୍ୟରେ ଆଲୋଚନା ଚାଲିଛି।

ଭଦ୍ରକ ଅଫିସ, ୬।୯

ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ବନ୍ତଛକ ସ୍ଥିତ ଜାତୀୟ ରାଜପଥ ପାର୍ଶ୍ୱ ଉଠା ଦୋକାନ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଅଧାରୁ ବନ୍ଦ ରହିଛି। ଏହି ଉଚ୍ଛେଦ ବେଳେ ଦୋକାନୀ ଓ ପୋଲିସ ପ୍ରଶାସନ ମଧ୍ୟରେ ଯୁକ୍ତିତର୍କ ହୋଇ କିଛି ସମୟ ପାଇଁ ଉତ୍ତେଜନା ସୃଷ୍ଟି ହୋଇଥିଲା।

ସୂଚନା ଅନୁଯାୟୀ, ପୂର୍ବାହ୍ନରେ ଟାଉନ ଥାନାଧିକାରୀ ଉମାଶଙ୍କର ନାୟକ, ଭଦ୍ରକ ତହସିଲଦାର ମଧୁସୂଦନ ନାୟକ, ପୌରପାଳିକାର ନିର୍ବାହୀ ଅଧିକାରୀ ଦେବୀପ୍ରସାଦ ରାଉତ, ଡିଆଇବି ଡିଏସ୍‌ପି କମଳ ଲୋଚନ ଭୂୟାଁଙ୍କ ସମେତ ପୋଲିସ ଫୋର୍ସ ମୁତୟନ ରହି ଜେସିବି ଦ୍ୱାରା ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରିଥିଲେ। ଉଠା ଦୋକାନୀମାନଙ୍କୁ ଥଇଥାନ କରା ନ ଯାଇ ଉଚ୍ଛେଦ ପ୍ରକ୍ରିୟା କରାଯାଉଥିବାକୁ ବିରୋଧ କରି ଶ୍ରମିକ ନେତା ଦିବ୍ୟସିଂହ ନାୟକ, ରାଧା ଦାସ, ଚନ୍ଦ୍ରଶେଖର ନାୟକ, ଷ୍ଟାଲିନ ଟିଟନ ଲେଙ୍କା, ଦୀଲିପ ସାହୁ, ଶେଖ ମିନାଜ, ଶେଖ ଅଂଶୁଙ୍କ ନେତୃତ୍ୱରେ ଦୋକାନୀମାନେ ତୀବ୍ର ପ୍ରତିବାଦ କରିଥିଲେ। ଉଠା ଦୋକାନ କରି ଜୀବିକା ନିର୍ବାହ କରୁଥିବା ଦୋକାନୀମାନଙ୍କୁ ଥଇଥାନ କରି ପରେ ଉଚ୍ଛେଦ କରିବାକୁ ସେମାନେ ପ୍ରଶାସନ ନିକଟରେ ଦାବି କରି ଉଚ୍ଛେଦ ପ୍ରକ୍ରିୟାରେ ବାଧା ସୃଷ୍ଟି କରିଥିଲେ। ପରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରଶାସନ ଓ ବିରୋଧକାରୀଙ୍କ ମଧ୍ୟରେ ଆଲୋଚନା କରାଯାଇଥିଲା। ଦୋକାନୀମାନେ ନିଜେ ଦୋକାନ ଖାଲି କରିନେବାକୁ ରାଜି ହୋଇଥିବା ବେଳେ ୪ ଦିନ ପରେ ପୁର୍ନବାର ଉଚ୍ଛେଦ ପ୍ରକ୍ରିୟା କରାଯିବ ବୋଲି ପୌରପାଳିକା ନିର୍ବାହୀ ଅଧିକାରୀ ରାଉତ କହିଛନ୍ତି। ଏହି ଉଚ୍ଛେଦ ପ୍ରକ୍ରିୟା ପାଇଁ ପୂର୍ବରୁ ୩ ଥର ନିର୍ଦ୍ଦେଶ ହୋଇଥିଲେ ମଧ୍ୟ ଉଚ୍ଛେଦ ହୋଇପାରିନଥିଲା।

# ବିଦ୍ୟୁତ୍ ଓ ବନ ବିଭାଗ ସମନ୍ୱୟ ବୈଠକ

ପାଟଣା,୬।୯(ସ୍ୱ.ପ୍ର)

କେନ୍ଦୁଝର ଜିଲା ତୁରୁମୁଙ୍ଗା ବିଦ୍ୟୁତ୍ ସବ୍‌ଡିଭିଜନ ଟିପିଏନଓଡିଏଲ ଟାଟା ପାୱାର ତରଫରୁ ମଙ୍ଗଳବାର ପାଟଣା ବ୍ଲକ ସଭାଗୃହରେ ବନ ବିଭାଗ ଅଧିକାରୀଙ୍କ ସହ ତୁରୁମୁଙ୍ଗା, ପାଟଣା, ସାହାରପଡାର ବିଦ୍ୟୁତ ଅଧିକାରୀ ଓ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ନେଇ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପାଟଣା ରେଞ୍ଜର ଘାସିରାମ ପାତ୍ର, ବିଦ୍ୟୁତ ବିଭାଗ ଏସଡିଓ ଚିରଞ୍ଜିତ ସାହୁ, ତୁରୁମୁଙ୍ଗା ଯନ୍ତ୍ରୀ ଉମେଶ ଚନ୍ଦ୍ର ଭୂୟାଁ, ସାହାରପଡ଼ାର ଯନ୍ତ୍ରୀ ଲକ୍ଷ୍ମୀକାନ୍ତ ସ, ବାଣିଜ୍ୟ ଯନ୍ତ୍ରୀ ପବିତ୍ର ସ୍ୱାଇଁ, ସୌରଭ ସାଧୁ ଓ ଲାଇନମ୍ୟାନମାନେ ଯୋଗଦେଇଥିଲେ। ବୈଠକରେ ବନ ବିଭାଗ ଏବଂ ବିଦ୍ୟୁତ ବିଭାଗ ମିଳିତ ଯାଞ୍ଚ କରି ବିଦ୍ୟୁତ୍ ଖୁଣ୍ଟ,ଓହଳି ପଡ଼ିଥିବା ତାରକୁ ସୁସଂଯୋଗ କରିବା,ବିଦ୍ୟୁତ ଚୋରି ରୋକିବା, ବିଲିଂ ଓ କଲେକ୍ସନ ସୁଧାରିବା ଉପରେ ଆଲୋଚନା ହୋଇଥିଲା।

# ମୃତ ଘୁଷୁରିଙ୍କୁ ବ୍ୟବଚ୍ଛେଦ ପରେ ପୋତାଗଲା

ଧାମନଗର, ୬।୯(ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ସୋହଡ଼ା ପଞ୍ଚାୟତ ବେଦପୁର ଛକ ନିକଟ ଧାନ ବିଲ ଓ ଘାସ ବଣରେ ୮ଟି ଘୁଷୁରି ମରିପଡିଥିବା ଦେଖିବାକୁ ମିଳିଥିଲା। ଆଉ କେତେକ ଘୁଷୁରି ମୁମୂର୍ଷୁ ଅବସ୍ଥାରେ ପଡ଼ିଥିବାରୁ ଅଜଣା ରୋଗ ହୋଇଥିବା ଭାବି ସ୍ଥାନୀୟ ଲୋକେ ଆତଙ୍କିତ ହୋଇପଡିଥିଲେ। ଘୁଷୁରି ମଡ଼କ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ପ୍ରାଣୀଧନ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା। ଜିଲା ପ୍ରାଣୀଧନ ଚିକିତ୍ସାଧିକାରୀ ଶୁଭେନ୍ଦୁ କୁମାର ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ସନ୍ଧ୍ୟାରେ ବ୍ଲକ ପ୍ରାଣୀଧନ ଚିକିତ୍ସାକାରୀ ଡା. ଝାନ୍‌ସୀରାଣୀ ତପସୀ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ମଙ୍ଗଳବାର ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଡ଼ା. ଶୁଭେନ୍ଦୁ କୁମାର ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଏକ ଡ଼ାକ୍ତରୀ ଟିମ୍ ପହଞ୍ଚି ମରିପଡ଼ିଥିବା ୪ଟି ବଡ ଘୁଷୁରି ଓ ୪ଟି ଛୋଟ ଘୁଷୁରିଠାରୁ ରକ୍ତ ନମୁନା ସଂଗ୍ରହ କରିଥିଲେ। ମୃତ ଘୁଷୁରିଗୁଡ଼ିକୁ ବ୍ୟବଚ୍ଛେଦ କରି ଜେସିବିରେ ଗାତ ଖୋଳି ଚୂନ, ବ୍ଲିଚିଂ ଓ ଲୁଣ ଦେଇ ପୋତାଯାଇଥିଲା। ସଂଗ୍ରହ ହୋଇଥିବା ନମୁନାକୁ କଟକସ୍ଥିତ ଏଡିଆରଆଇକୁ ପରୀକ୍ଷା ପାଇଁ ପଠାଯାଇଛି। ଏହି ଡାକ୍ତରୀ ଟିମ୍‌ରେ ଡାକ୍ତର ଡମ୍ବରୁଧର ତରାଇ, ଆନିମାଲ ୱେଲଫେୟାର ଅଫିସର ଡାକ୍ତର ଗୋପାଳ ଚରଣ ବଳ, ଧାମନଗର ପ୍ରାଣୀ ଚିକିତ୍ସାଧିକାରୀ ଡା. ଝାନ୍‌ସୀରାଣୀ ତପସୀ ସାମିଲ ହୋଇଥିଲେ। ପ୍ରକାଶ ଯେ, ଘୁଷୁରୀଗୁଡିକ ଯାଜପୁର ଜିଲା ଅଞ୍ଚଳର। ଘୁଷୁରିଆ ଘୁଷୁରି ଆଣି ଏଠାରେ ରଖି ଚରାଉଥିଲେ। ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ହେବାରୁ ଘୁଷୁରିଗୁଡ଼ିକୁ ବିଷ ଦେଇ ଏଠାରୁ ଫେରାର ହୋଇଯାଇଥିବା ସ୍ଥାନୀୟ ଲୋକଙ୍କଠାରୁ ଜାଣିବାକୁ ମିଳିଥିବା ଡ଼ା. ଝାନସୀରାଣୀ କହିଛନ୍ତି।

# ଜିଲା ଶିଶୁ ମଙ୍ଗଳ ସମିତିରେ ହାଜର ହେଲେ ୨ ଅନାଥ ଶିଶୁ

## ସ୍ତ୍ରୀଙ୍କ ଦଶାହରେ ସ୍ୱାମୀଙ୍କ ମୃତ୍ୟୁ ଘଟଣା

ଭଦ୍ରକ ଅଫିସ,୬।୯

ସ୍ତ୍ରୀଙ୍କ ଦଶାହରେ ସ୍ୱାମୀଙ୍କ ମୃତ୍ୟୁ ଖବର ବିଭିନ୍ନ ଗଣମାଧମରୁ ଅବଗତ ହେଲା ପରେ ଜିଲା ଶିଶୁ ମଙ୍ଗଳ ସମିତିର ଅଧକ୍ଷ ଡ. ସୁଦର୍ଶନ ବାରିକଙ୍କ ନିର୍ଦ୍ଦେଶ କ୍ରମେ ପିତୃମାତୃହୀନ ୨ ଶିଶୁଙ୍କୁ ଜିଲା ଶିଶୁ ମଙ୍ଗଳ ସମିତି ଆଗରେ ମଙ୍ଗଳବାର ହାଜର କରାଯାଇଛି। ଭଦ୍ରକ ସଦର ବ୍ଲକ ବଣିଆ ପଞ୍ଚାୟତ ଅଧୀନ ଭଗବାନପୁର ପେଡ଼ାସାହିରେ ଇତିଶ୍ରୀ ପେଡ଼ାଙ୍କ ୧୦ ଦିନ କ୍ରିୟା ଚାଲିଥିବା ବେଳେ ତାଙ୍କ ସ୍ୱାମୀ ନରହରି ପେଡ଼ାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କର ଦୁଇ ଶିଶୁ ଅନାଥ ହୋଇ ଥିଲେ। ଏହି ଦୁଇ ଶିଶୁଙ୍କୁ ଚାଇଲ୍ଡ ଲାଇନ ପକ୍ଷରୁ ଜିଲା ଶିଶୁ ମଙ୍ଗଳ ସମିତିରେ ହାଜର କରାଯିବା ପରେ ସମସ୍ତ ଘଟଣା ଶୁଣି ଅଧକ୍ଷ ଡ. ବାରିକ୍ ଉଭୟଙ୍କୁ ସେମାନଙ୍କ ଜେଜେବାପା ଓ ଜେଜେମାଆଙ୍କ ହେପାଜତରେ ରହିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କ୍ରିୟାକର୍ମ ସରିବା ପରେ ଉପଯୁକ୍ତ ତଦନ୍ତ କରାଯାଇ ଦୁହିଁଙ୍କୁ ସ୍ଥାୟୀ ଭାବରେ ଥଇଥାନ କରାଯିବା ସହ ସରକାରଙ୍କ ଯୋଜନା ଅନୁଯାୟୀ ସମସ୍ତ ସାହାଯ୍ୟ ପ୍ରଦାନ କରାଯିବ ସୂଚନା ପ୍ରଦାନ କରିଛନ୍ତି। ଜିଲା ଶିଶୁ ମଙ୍ଗଳ ସିମତିର ସଦସ୍ୟ ସତ୍ୟ ସୁନ୍ଦର ପୁହାଣ, ପ୍ରଦୀପ୍ତ କୁମାର କର, ସଂଗୀତା ଗିରି, ସ୍ମୃତିରେଖା ମହାନ୍ତି, ମନୋଜ ଦାସ, ଚାଇଲ୍ଡ ଲାଇନ୍‌ର ସଦସ୍ୟ ରମାକାନ୍ତ ଜେନା, ସଂଯୁକ୍ତା ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜେଡିର ସାଙ୍ଗଠନିକ ବୈଠକ

ଭଣ୍ଡାରିପୋଖରୀ,୬।୯(ସ୍ୱ.ପ୍ର.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ବିଜେଡି କାର୍ଯ୍ୟାଳୟଠାରେ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଧାୟକଙ୍କ ପ୍ରତିନିଧି ଇଂ. ପ୍ରୟାସ କାନ୍ତି ସାମଲ ଯୋଗଦେଇ ଦଳର ସାଙ୍ଗଠନିକ ସ୍ଥିତି ଉପରେ ଆଲୋଚନା କରିଥିବା ବେଳେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବାବଦରେ ସମୀକ୍ଷା ମଧ୍ୟ କରିଥିଲେ। ଉକ୍ତ ବୈଠକରେ ନଗୁଆଁ ଓ ରଣଜିତ ପଞ୍ଚାୟତର ଛାମୁଆ ବିଜେଡି କର୍ମୀମାନେ ଯୋଗ ଦେଇଥିଲେ। ପଞ୍ଚାୟତ ସମିତି ଅଧକ୍ଷା ସୁମତି ସେଠୀ, ଜିଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ଜିଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତି, ସରପଞ୍ଚ ସୁଜାତା ସାହୁ, ବ୍ଲକ ଯୁବ ବିଜେଡି ସଭାପତି ଲଳିତ ରାଉତ, ବିଜେଡି ନେତା ଦେବେନ୍ଦ୍ର ଦାସ, ସତ୍ୟାନନ୍ଦ ମହାପାତ୍ର, ହେମନ୍ତ ଜେନା ପ୍ରମୁଖ ଯୋଗ ଦେଇ ନିଜନିଜର ମତ ରଖିଥିଲେ।

# ନାରୀ ସଚେତନତା ଶିବିର



ସଚେତନତା ଶିବିରରେ ଭାଜପା ମହିଳା ମୋର୍ଚ୍ଚା ସଦସ୍ୟା।

ବାଲେଶ୍ୱର ଅଫିସ, ୬।୯

ବାଲେଶ୍ୱର ଜିଲା ବାଲିଆସ୍ଥିତ ଭାଜପା କାର୍ଯ୍ୟାଳୟ ରେମୁଣା ମହିଳାମୋର୍ଚ୍ଚା ତରଫରୁ ନାରୀ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି ଯୋଗଦେଇ ଓଡ଼ିଶା ମହିଳା ଅପରାଧରେ ଦେଶର ୧ନମ୍ବର ରାଜ୍ୟ ଭାବରେ ଉଭା ହୋଇଛି। ରାଜ୍ୟ ଏନ୍‌ସିଆର୍‌ବି ରିପୋର୍ଟ–୨୦୨୧ ଅନୁଯାୟୀ ରାଜ୍ୟ ସରକାରଙ୍କ ମହିଳା ବିରୋଧୀ ମନୋଭାବକୁ ପଦାରେ ପକାଇ ଦେଇଛି। ନାରୀ ସଶକ୍ତିକରଣ କଥା କହି ରାଜ୍ୟ ସରକାର ମହିଳାଙ୍କୁ ସୁରକ୍ଷା ଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ସରକାରଙ୍କ ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥା ଓ ପକ୍ଷପାତିତା କାରଣରୁ ଲୋକେ ଆଇନ ବ୍ୟବସ୍ଥା ଉପରୁ ଆସ୍ଥା ହରାଉଛନ୍ତି ବୋଲି ପ୍ରକାଶ କରିଥିଲେ।

ରେମୁଣା ମହିଳାମୋର୍ଚ୍ଚା ଆଗାମୀ ଦିନରେ ମହିଳାଙ୍କ ସ୍ୱାର୍ଥ ପାଇଁ ଜନସଚେତନତା ସୃଷ୍ଟି କରିବା ସହ ଦରକାର ପଡ଼ିଲେ ରାଜରାସ୍ତାକୁ ଓହ୍ଲାଇବା ପାଇଁ ପଛଘୁଞ୍ଚା ଦେବେ ନାହିଁ ବୋଲି ଏକମତ ହୋଇଥିଲେ। ଶିବିରରେ ଜିଲା ସଭାପତି ମିନାକ୍ଷୀ ମହାପାତ୍ର, ମଣ୍ଡଳ ସଭାପତି ଅର୍ଚ୍ଚନା ରାଉତ, ରୂପବତୀ ମାଝି, ୱାର୍ଡ କାଉନସିଲର ହେମବତୀ ବେହେରା, ମିନାକ୍ଷୀ ବେହେରା, ସମିତିସଭ୍ୟା ଶିବାନୀ ହାଁସଦା, ଝରଣା ମହାନ୍ତି (ସରପଞ୍ଚ), ରୀତାଞ୍ଜଳି ପଲେଇ (ସରପଞ୍ଚ), ଫୁଲ ଟୁଡୁ (ନାଏବ ସରପଞ୍ଚ), କବିତା ମହାନ୍ତି (ସରପଞ୍ଚ), ରବିତା ଦାସ, ପଦ୍ମିନୀ ରାଉତ, ଚନ୍ଦ୍ରକାନ୍ତି ବେହେରା, ହେମଲତା ସେଠୀ, ସୁକାନ୍ତି ମହାଳିକ, ଲତା ସିଂ ଓ ସକମ୍ବରି ସିଂ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ବ୍ୟାଡ୍‌ମିଣ୍ଟନରେ ସାଇକେଶବଙ୍କ ସଫଳତା

ବାରିପଦା ଅଫିସ, ୬।୯

ମୟୂରଭଞ୍ଜ ଜିଲା ତଥା ବାରିପଦାର ଉଦୀୟମାନ ବ୍ୟାଡମିଣ୍ଟନ ଖେଳାଳି ସାଇକେଶବ ମୋଦି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ସଫଳତା ଆଣିଛନ୍ତି। ଜଟଣୀଠାରେ ଚାଲିଥିବା ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନସିପରେ ସେ ଦ୍ୱୈତ୍ୟ ସଫଳତା ପାଇଛନ୍ତି। ମିକ୍ସ ଡବଲ୍ସ ଓ ବୟଜ ଡବଲ୍ସ ଦୁଇଟି ପ୍ରତିଯୋଗିତାରେ ସେ ତାଙ୍କର ସହଯୋଗୀଙ୍କ ସହିତ ଚାମ୍ପିୟନ ହୋଇଛନ୍ତି। ତାଙ୍କର ଏହି ସଫଳତା ପାଇଁ ମୟୂରଭଞ୍ଜ ଜିଲା ଆଥଲେଟିକ ଆସୋସିଏଶନ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯିବା ସହିତ ଜିଲାର କ୍ରୀଡାପ୍ରେମୀ ସଙ୍ଗଠନ ଓ ବ୍ୟକ୍ତିବିଶେଷ ତାଙ୍କୁ ଅଭିନନ୍ଦନ ଜଣାଉଛନ୍ତି।




ଅତିଥିଙ୍କ ସହ ସାଇକେଶବ।

# ଇନ୍‌ଟାକ୍ ବାଲେଶ୍ୱର ଚାପ୍‌ଟରର ପ୍ରତିଷ୍ଠା ଦିବସ

## 'ପରମ୍ପରା' ଉନ୍ମୋଚିତ

ବାଲେଶ୍ୱର ଅଫିସ, ୬।୯

ବାଲେଶ୍ୱର ଆଇଟିଆଇସ୍ଥିତ ଉଦ୍ୟୋଗ ଭବନ ପରିସରରେ ଇନ୍‌ଟାକ୍ ବାଲେଶ୍ୱର ଚାପ୍ଟରର ୧୩ତମ ପ୍ରତିଷ୍ଠା ଦିବସ ସୋମବାର ଅନୁଷ୍ଠିତ ହୋଇଛି। ମୁଖ୍ୟବକ୍ତା ଭାବେ ଗବେଷକ ଅନୀଲ ଧୀର ଯୋଗଦେଇ ବାଲେଶ୍ୱର ଜିଲା ସଂସ୍କୃତି ପରମ୍ପରାରେ ଏକ ଅଗ୍ରଣୀ ଜିଲା ଭାବେ ନିଜସ୍ୱ ପରିଚୟ ସୃଷ୍ଟି କରିଥିବା ବେଳେ ସଂସ୍କୃତି ଓ ସମ୍ପ୍ରଦାୟ ମିଳନର କେନ୍ଦ୍ର। ଜିଲାରେ ୪ଶହରୁ ଉର୍ଦ୍ଧ୍ୱ ବିଭିନ୍ନ ସମ୍ପ୍ରଦାୟର ଐତିହ୍ୟସ୍ଥଳ ରହିଛି। ଯାହାର ପଞ୍ଜିକରଣ କରିବା ଅତ୍ୟନ୍ତ ଜରୁରୀ ବୋଲି କହିଥିଲେ।

ଚାପ୍‌ଟାର ଆବାହକ ଉଦୟ ରଞ୍ଜନ ଦାସ ସ୍ୱାଗତଭାଷଣ ଦେଇଥିଲେ। ସହ–ଆବାହକ ସଂଗ୍ରାମ କୁମାର ଦାସ ଚାପ୍‌ଟାରର ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିରିକ୍ତ ସହ ଆବାହକ ଅର୍ଚ୍ଚନା ନନ୍ଦୀ ଏବଂ ସଭ୍ୟ ମାତୃଦତ୍ତ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ଇନ୍‌ଟାକ୍‌ର ବିଭିନ୍ନ କାର୍ଯ୍ୟକଳାପର ପ୍ରଶଂସା କରିବା ସହିତ ବାଲେଶ୍ୱର ଜିଲା ଏକ କଳା ଓ ସଂସ୍କୃତିର ଭଣ୍ଡାର ଘର ବୋଲି ବର୍ଣ୍ଣନା କରିଥିଲେ। ସମ୍ମାନନୀୟ ଅତିଥି ଇନ୍‌ଟାକ ଓଡ଼ିଶା ରାଜ୍ୟ ଆବାହକ ଅମିୟ ଭୂଷଣ ତ୍ରିପାଠୀ ଯୋଗଦେଇ ଇନ୍‌ଟାକ ବାଲେଶ୍ୱର ଚାପ୍‌ଟାରର କାର୍ଯ୍ୟର ସମୀକ୍ଷା କରିଥିଲେ। ଇନ୍‌ଟାକ୍ ପକ୍ଷରୁ ଦୁଇଜଣ କୃତୀ ଶିକ୍ଷକ ସୁଧାଂଶୁ ପଣ୍ଡା ଏବଂ ସୁମତୀ ମଣ୍ଡଳଙ୍କୁ ଶିକ୍ଷକ ଗୌରବ ସମ୍ମାନ ପ୍ରଦାନ କରାଯାଇଥିଲା। ରାଜ୍ୟ ଏବଂ ଜାତୀୟସ୍ତରରେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଉପଲକ୍ଷେ ଚାପଟାରର ମୁଖପତ୍ର 'ପରମ୍ପରା' ଉନ୍ମୋଚିତ ହୋଇଥିଲା। ଭାବଗ୍ରାହୀ ମହାନ୍ତି ଉନ୍ମୋଚନରେ ସହାୟତା କରିଥିଲେ। ସତ୍ୟନାରାୟଣ ନନ୍ଦ ଏବଂ ଅଖିଳ କୁମାର ଦାସ ମାନପତ୍ର ପାଠ କରିଥିଲେ। ଅଲିଭା ଦାସ, ଗୀତାଞ୍ଜଳି ପାଣିଗ୍ରାହୀ, ଯଶୋଦାନନ୍ଦନ ଆଶ, ସୌରଭ କୁମାର ବେହେରା, ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଗୌରୀଶଙ୍କର ନାୟକ, ହରେନ ରଣା, ଗିରିଜା ମିଶ୍ର, ସୋଭନ୍ ଦାସ ମହାପାତ୍ର, ଚିନ୍ମୟୀ ଦାସ ମହାପାତ୍ର ପ୍ରମୁଖ ଇନଟାକ୍ ସଭ୍ୟ ପରିଚାଳନାରେ ସହଯୋଗ କରିଥିଲେ। ଡା. ଦେବାଶିଷ ମିଶ୍ରଙ୍କୁ ଇନ୍‌ଟାକ୍‌ର ନୂତନ ସଭ୍ୟ ଭାବରେ ସ୍ୱାଗତ କରାଯାଇଥିଲା।




ଅତିଥିଙ୍କ ଦ୍ୱାରା ଶିକ୍ଷକଙ୍କୁ ସମ୍ମାନିତ କରାଯାଉଛି ।

**ବନ୍ୟା କ୍ଷୟକ୍ଷତି**

# ତାଲିକାରୁ ସଦର ବ୍ଲକ ବାଦ୍

## ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କଲା ଭାଜପା



ଖବରଦାତା ସମ୍ମିଳନୀରେ ଭାଜପା କର୍ମକର୍ତ୍ତା।

**ବାଲେଶ୍ୱର ଅଫିସ, ୬।୯**

ବନ୍ୟା କ୍ଷୟକ୍ଷତି ତାଲିକାରୁ ବାଲେଶ୍ୱର ଜିଲା ସଦର ବ୍ଲକ ବାଦ୍ ପଡିଛି। ଜିଲା ପ୍ରଶାସନର ଏଭଳି ଅବହେଳା ପ୍ରତିବାଦରେ ଜିଲା ସ୍କୁଲ ନିକଟସ୍ଥ ସଦର ଭାଜପା କାର୍ଯ୍ୟାଳୟରେ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀ କରାଯାଇ ରାଜ୍ୟ ସରକାରଙ୍କୁ କଡା ସମାଲୋଚନା କରାଯାଇଛି। ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି ମାନସ କୁମାର ଦତ୍ତ ବନ୍ୟା ପରିଚାଳନାରେ ଅବ୍ୟବସ୍ଥା ତଥା ବୁଢାବଳଙ୍ଗ, ଜଳକା ନଦୀରେ ବନ୍ୟା କାରଣରୁ ସଦର ବ୍ଲକ ଅଞ୍ଚଳର ବହୁ ପଞ୍ଚାୟତରେ ବନ୍ୟା ପରିସ୍ଥିତି ଦେଖାଦେଇଥିଲା। ହଜାର ହଜାର ଏକର ଚାଷଜମି ନଷ୍ଟ ହେବା ସହ ମାଛ ଚାଷ, ଘରଦ୍ୱାର, ରାସ୍ତାଘାଟ ନଷ୍ଟ ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ଏହି ବ୍ଲକରେ କ୍ଷୟକ୍ଷତି ଆକଳନ ନ କରି ବାଦ୍ ଦିଆଯାଇଥିବାରୁ ଅସନ୍ତୋଷ ଦେଖାଦେଇଛି।

ଗତ ଅଗଷ୍ଟ ଶେଷ ସପ୍ତାହରେ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଯୋଗୁ ଉପକୂଳ ଉତ୍ତରଓଡ଼ିଶାରେ ୪/୫ ଦିନ ଧରି ପ୍ରବଳ ବର୍ଷା ହେବା ଫଳରେ ବୁଢ଼ାବଳଙ୍ଗ, ସୋନ, ଗଙ୍ଗାହାର, ଜଳକା ତଥା ସୁବର୍ଣ୍ଣରେଖା ନଦୀରେ ପ୍ରଳୟଙ୍କରୀ ବନ୍ୟା ଆସିଥିଲା। ଫଳରେ ଧାନ ଚାଷ କ୍ଷତି ହୋଇଥିଲା। ବାଲେଶ୍ୱର ଜିଲା ସଦର ବ୍ଲକର ଶ୍ରୀରାମପୁର, ରସଲପୁର, କୁରାଢ଼ିହା, କସିପଦା, ଆଙ୍କୋ, ହଳଦୀପଦା, ସାର୍ଥା, ପଞ୍ଚୁପଡ଼ା, ନଗ୍ରମ, ଓଲନ୍ଦା ସାରଗାଁ, ବୁଆଁଳ, ଓଡ଼ଙ୍ଗୀ, ସିନ୍ଧିଆ, ବଇଞ୍ଚା, ଛାନୁଆ ଆଦି ପଞ୍ଚାୟତରେ ଜଳକା ଓ ବୁଢାବଳଙ୍ଗ ନଦୀରେ ବନ୍ୟା ଯୋଗୁ ଚାଷ ଜମିରେ ୭ରୁ ୮ ଦିନ ଧରି ପାଣି ବୁଡ଼ି ରହିଥିଲା। ଫଳରେ ହଜାର ହଜାର ହେକ୍ଟର ଜମିରେ ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିଲା। କୃଷି ବିଭାଗ ଓ ରାଜସ୍ୱ ବିଭାଗର ମିଳିତ ତଦନ୍ତ ରିପୋର୍ଟ ହସ୍ତଗତ ହେଲା ପରେ ଓଡ଼ିଶା ସରକାର ବସ୍ତା, ବାଲିଆପାଳ, ଭୋଗରାଇ, ଜଳେଶ୍ୱର ବ୍ଲକରେ ପାଖାପାଖି ୮ ହଜାର ହେକ୍ଟର ଜମିରେ ଚାଷ ନଷ୍ଟ ହୋଇଥିବାର ଘୋଷଣା କରିଥିବା ବେଳେ ସଦର ବ୍ଲକକୁ ଏଥିରେ ସାମିଲ ନ କରିବା କ୍ଷତିଗ୍ରସ୍ତ ଚାଷୀକୁଳକୁ ନିରାଶ କରିଛି। ଖବରଦାତା ସମ୍ମିଳନୀରେ ବରିଷ୍ଠ ନେତା ରବିନାରାୟଣ ମହାପାତ୍ର ଓ ଗୌରାଙ୍ଗ ଦାସ, ପୂର୍ବତନ ଜିଲା ଉପସଭାପତି ଗଙ୍ଗାଧର ରାଉତ, ଜିଲା ପରିଷଦ ସଭ୍ୟ ଗୟାଧର ବେହେରା, ପୂର୍ବତନ ନଗର ସଭାପତି ସୀତାକାନ୍ତ ସ୍ୱାଇଁ, ସରପଞ୍ଚ ରବିନାରାୟଣ ପ୍ରଧାନ, ମଣ୍ଡଳ ସଭାପତି ବିଜୟ ଦାସ, ମଣ୍ଡଳ ପ୍ରଭାରୀ ଲୋକନାଥ ଭୂୟାଁ ଓ ମଣ୍ଡଳ ସାଧାରଣ ସମ୍ପାଦକ ଅନନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଜାଲ୍ ନୋଟ କାରବାର, ଜଣେ ଅଟକ

**ଆନନ୍ଦପୁର,୬। ୯(ସ୍ୱ.ପ୍ର)**


ଜାଲ୍ ନୋଟ ରଖିଥିବା ବୃଦ୍ଧଙ୍କୁ ପୋଲିସ ପଚରାଉଚରା କରୁଛି।

ଆନନ୍ଦପୁର ଥାନା କଣ୍ଟିପାଳ ପଞ୍ଚାୟତର ବିରିଡିହା ଗ୍ରାମରେ ଜାଲ ନୋଟ କାରବାର ନେଇ ପୋଲିସ ଜଣକୁ ଅଟକ ରଖି ପଚରାଉଚୁରା କରୁଥିବା ସୂଚନା ମିଳିଛି। ମଙ୍ଗଳବାର ସକାଳେ କଣ୍ଟିପାଳ ଦେହୁରୀ ସାହିର ନେଉଳ ଦେହୁରୀ ବିରିଡାହା ଗ୍ରାମରେ ଥିବା କ୍ଷୀରୋଦ ସାହୁଙ୍କ ପାନ ଦୋକାନରୁ ପାନନେବା ସହିତ ଥଣ୍ଡା ପିଇ ଏକ ୨୦୦ ଟଙ୍କିଆ ନୋଟ ଦେଇଥିଲେ। ଏହି ୨୦୦ ଟଙ୍କିଆ ନୋଟଟି ଜାଲ୍ ଜାଣିପାରି ନେଉଳଙ୍କୁ ଅଟକ ରଖି ତାଙ୍କ ପକେଟରେ ଥିବା ଟଙ୍କାକୁ ସ୍ଥାନୀୟ ଲୋକେ ତଲାସି କରିଥିଲେ। ପକେଟରୁ ୨୦୦ ଓ ୧୦୦ ଟଙ୍କିଆ ମୋଟ ୧୧ ହଜାର ଟଙ୍କାର ଜାଲ୍ ନୋଟ ଜବତ କରିଥିଲେ। ସ୍ଥାନୀୟ ଲୋକଙ୍କ ଠାରୁ ସୂଚନା ପାଇ ପୋଲିସ ନେଉଳକୁ ଥାନାକୁ ଆଣି ପଚରାଉଚୁରା କରୁଛି। ଜାଲ ନୋଟ କେଉଁଠୁ ଆସିଲା, ଏଥିରେ ଆଉ କିଏ ସମ୍ପୃକ୍ତ ରହିଛନ୍ତି ପୋଲିସ ତଦନ୍ତ କରୁଥିବା ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।

# ଜାତିଆଣ ଆକ୍ଷେପ ଅଭିଯୋଗରେ ୩ବର୍ଷ ଜେଲ

**ବାରିପଦା ଅଫିସ,୬।୯:** ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ସ୍ୱତନ୍ତ୍ର ତଥା ଅତିରିକ୍ତ ଜିଲା ଓ ଦୌରା ଜଜ୍‌ଙ୍କ କୋର୍ଟରେ ମଙ୍ଗଳବାର ଏକ ଜାତିଆଣ ଆକ୍ଷେପ ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ପ୍ରବୀର କୁମାର ଚୌଧୁରୀ ଏହାର ବିଚାର କରି ଦୋଷୀଙ୍କୁ ୩ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତ ହେଲେ ଝାରପୋଖରିଆ ଥାନା ସାରସକଣା ଅଞ୍ଚଳର ତପନ ସାହୁ(୪୧)। ସୂଚନାଯୋଗ୍ୟ, ୨୦୧୫ ଏପ୍ରିଲ ୨୨ରେ ଅଭିଯୁକ୍ତ ତପନ ଜଣୈକା ମହିଳା ସରକାରୀ କର୍ମଚାରୀଙ୍କ ଘରେ ପଶି ଅସଦାଚରଣ କରିବା ସହ ଜାତି ଉଠାଇ ଗାଳିଗୁଲଜ କରିଥିଲେ। ଏହାକୁ ନେଇ ଝାରପୋଖରିଆ ଥାନା ପୋଲିସ ଏକ ମାମଲା(ନଂ.୬୦/୧୫)ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ୬ଜଣ ସାକ୍ଷୀ ଓ ପୋଲିସର ତଦନ୍ତ ରିପୋର୍ଟକୁ ଭିତ୍ତିକରି ଜଜ୍ ଉପରୋକ୍ତ ରାୟ ଦେଇଛନ୍ତି।

# ମା'ଙ୍କୁ ମାଡ଼ ମାରି ପୁଅ ଗିରଫ

**ବନ୍ତ, ୬।୯(ଡି.ଏନ୍.ଏ.):** ଭଦ୍ରକ ଜିଲା ବନ୍ତ ବ୍ଲକ କେନ୍ଦୁଆପଦା ଫାଣ୍ଡି ଅଧୀନ ଆର୍.ଏନ୍.ବେତଡା ଗ୍ରାମରେ ଜଣେ ଯୁବକ ମା'ଙ୍କୁ ମାଡ ମାରି ଗିରଫ ହୋଇଥିବା ଜଣାଯାଇଛି। ଗିରଫ ଯୁବକ ହେଲେ ଅନନ୍ତ ମଲ୍ଲିକ। ମଙ୍ଗଳବାର ତାଙ୍କୁ କୋର୍ଟଚାଲାଣ କରାଯାଇଛି। ଉକ୍ତ ଗ୍ରାମର ଅନନ୍ତ ମଲ୍ଲିକ କୌଣସି କାରଣରୁ ନିଜ ମା'ଙ୍କୁ ମାଡ ମାରିଥିଲେ। ଏନେଇ ତାଙ୍କ ମା' ଶାନ୍ତିଲତା ମଲ୍ଲିକ ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିବା ପରେ ଏକ ମାମଲା (ନଂ.୪୬୨/୨୨) ରୁଜୁ ହୋଇଛି। ପୋଲିସ ଅନନ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି।

## PANCHAYAT SAMITI ,CHHENDIPADA
### INVITATION FOR BIDS (IFB)
### IDENTIFICATION No: - CHHB- 01/2022-23
**E-mail address: - ori-chendipada@nic.in**

The Block Development Officer, Chhendipada on behalf of the Governor of Orissa invites in single percentage rate bid in single cover system for the 2 Nos. of building works, from the Class "C". "D" contractors, registered with the State Government and contractors of equivalent grade / Class registered with Central Government/ MES / Railway to be eventually drawn up in PWD P-I form, for execution of Building. The proof of registration from the appropriate authority shall be enclosed along with the bid. If successful, the bidder who has not registered under State Government has to register under the State PWD in appropriate class of eligibility before signing the agreement. Bidders may submit bids for any or all the Buildings. The details of the Eligibility criteria, enclosures etc. along with the list of project and date and time of sale, receipt and opening of bid documents can be viewed in the office of the undersigned during office hours & downloaded from the District website i.e. www.angul.nic.in.

**Sd./- Block Development Officer, Chhendipada**

## The Odisha Small Industries Corporation Ltd.
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-1714 OSIC GST No. 21AAACO2101M1Z1

### TENDER CALL NOTICE

**Tender Notice No.3825/RE/OSIC** **Dt.06.09.2022**

The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for the works **"Supply and installation of Solar and LED street light under Biju KBK plan 2021-22 (District Sector) in the District of Koraput"**. Tender details can be downloaded from the OSIC website www.osicltd.in . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/changes/modifications will appear in OSIC Ltd. website www.osicltd.in only.

Sd/-
GENERAL MANAGER(O)

OIPR-14073/11/0075/2223

## The Odisha Small Industries Corporation Ltd.
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-1713 OSIC GST No. 21AAACO2101M1Z1

### TENDER CALL NOTICE

**Tender Notice No.3815/RE/OSIC** **Dt.05.09.2022**

The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for the work **"Supply and installation of Mini High Mast Light in different blocks i.e. Derabish, Pattamundai, Kendrapara, Rajnagar in the District of Kendrapada under MPLADS fund".** Tender details can be downloaded from the OSIC website www.osicltd.in . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/changes/modifications will appear in OSIC Ltd. website www.osicltd.in only.

Sd/-
GENERAL MANAGER(O)

OIPR-14073/11/0074/2223

## ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ,ଖୋର୍ଦ୍ଧା
### ବିଜ୍ଞାପନ

ଏତଦ୍ୱାରା ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ, ସହ ସହବନ୍ଧିତ ଓ ଅଂଶୀଦାର ସମସ୍ତ ବର୍ଗର ସମବାୟ ସମିତିମାନଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଆସନ୍ତା ତା.୩୦.୧୦.୨୦୨୨ ରିଖରେ ଅନୁଷ୍ଠିତ ହେବାକୁ ଥିବା ବ୍ୟାଙ୍କର ପରିଚାଳନା ପରିଷଦର ସଦସ୍ୟ/ସଦସ୍ୟା ନିର୍ବାଚନରେ ଅଂଶଗ୍ରହଣ କରିବା ପାଇଁ ସେମାନଙ୍କ ସମିତିରୁ ନିର୍ବାଚିତ ସଭ୍ୟ/ସଭ୍ୟାମାନଙ୍କର ତାଲିକା ବିଜ୍ଞାପନ ପ୍ରକାଶନର ସାତଦିନ ମଧ୍ୟରେ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିମ୍ନପ୍ରଦତ୍ତ ସାରଣୀରେ ପ୍ରଦାନ କରିବେ । ଫଳତଃ ସେମାନଙ୍କ ନାମ ପ୍ରାଥମିକ ଭୋଟର ତାଲିକାରେ ତାଲିକାଭୁକ୍ତ କରାଯାଇପାରିବ । ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ଘୋଷିତ ନିର୍ବାଚିତ ସଭ୍ୟ/ସଭ୍ୟାଙ୍କ ତାଲିକା ସମିତିର ସମ୍ପାଦକଙ୍କ ସ୍ୱାକ୍ଷରରେ ପ୍ରଦାନ କରିବାକୁ ଅନୁରୋଧ ।

| କ୍ର. ସଂଖ୍ୟା | ସଭ୍ୟ/ସଭ୍ୟା ଯେଉଁ ନିର୍ବାଚନ ମଣ୍ଡଳୀରୁ ପ୍ରତିନିଧିତ୍ୱ କରୁଛନ୍ତି | ସଭ୍ୟ/ସଭ୍ୟାଙ୍କ ନାମ | ପିତା/ସ୍ୱାମୀଙ୍କ ନାମ | ଠିକଣା | ଲିଙ୍ଗ | ବର୍ଗ (ତଫସିଲଭୁକ୍ତ ଜାତି/ତଫସିଲଭୁକ୍ତ ଜନଜାତି/ଅନ୍ୟାନ୍ୟ ପଛୁଆବର୍ଗ ତଥା ସାମାଜିକ ଶିକ୍ଷା ଅନଗ୍ରସର/ମହିଳା/ଅଣସଂରକ୍ଷିତ) |
|---|---|---|---|---|---|---|
| | | | | | | |

ସ୍ୱା./-ଶ୍ରୀ ଅନନ୍ତ କୁମାର ସାମଲ
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ,ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ.

## OFFICE OF THE MUNICIPALITY, KENDRAPARA

No. 4883 Date: 05.09.2022

### 2ND CORRIGENDUM NOTICE

In pursuance to Tender Call Notice No. 4440 dated 17.08.2022 and 1st Corrigendum Notice No. 4706 dated 26.08.2022, following changes have been done while other terms and conditions remain same.

1. In both above mentioned tender call notice, in minimum eligibility criteria page, the Clause XVI is deleted and XVII may be read as "each bidder may apply in both packages".
2. In criteria for evaluation page, following changes have been made which are mentioned in tabular format.

**CRITERIA FOR EVALUATION**

<table>
<tr><th>Sl. No.</th><th>Evaluation Parameters</th><th>Total Mark</th><th colspan="4">Criteria for Award of Mark</th></tr>
<tr><td>1</td><td>Years of Experience in handling MSW in Municipal Corporation/ Municipal Council Area (To be determined from the work order/ contract copies/ Experience Certificate)</td><td>20</td><td colspan="4">• 3 - 5 years : 5 marks<br>• 5 - 10 years : 15 marks<br>• >10 years : 20 marks</td></tr>
<tr><td rowspan="4">2</td><td rowspan="4">Service rendered for particular number's of year and number of population under SWM in single ULB under single contract package or multiple contract packages in any State of India. (To be determined from the work order/contract copies/ Experience Certificate)</td><td rowspan="4">20</td><td>Years Population</td><td>0 years to 2 years</td><td>2 years to 3 years</td><td>>3 years</td></tr>
<tr><td><50,000</td><td>6</td><td>8</td><td>10</td></tr>
<tr><td>50,000 to 1,00,000</td><td>10</td><td>12</td><td>15</td></tr>
<tr><td>>1,00,000</td><td>15</td><td>18</td><td>20</td></tr>
<tr><td>3</td><td>Experience in handling ULBs in similar nature of work with strength of sweepers in single work order (To be determined from work order only)</td><td>15</td><td colspan="4">• ≥ 50 < 100 : 5 marks<br>• ≥100 < 200 : 10 marks<br>• ≥200 : 15 marks</td></tr>
<tr><td>4</td><td>Annual average turnonver (2018 - 19, 2019 - 20 & 2020 - 21)</td><td>20</td><td colspan="4">• 01 - 03 Crore : 10 marks<br>• 03 - 10 Crore : 15 marks<br>• > 10 Crore : 20 marks</td></tr>
<tr><td>5</td><td>Waste Management Training Certificate</td><td>10</td><td colspan="4">• If No : 0 marks<br>• If Yes : 10 marks</td></tr>
<tr><td>6</td><td>Valid ISO Certification</td><td>10</td><td colspan="4">• ISO 9001 : 3 marks<br>• ISO 14001 : 4 marks<br>• ISO 45001 : 4 marks<br>• All of three : 10 marks</td></tr>
<tr><td>7</td><td>Any Awards or Commendations from MSW Projects</td><td>5</td><td colspan="4">• If No : 0 marks<br>• If Yes : 5 marks</td></tr>
</table>

3. Date and time of submission of bid have been extended from 5 P.M. of Dt.08.09.2022 to 5 P.M. of Dt.14.09.2022 of Tender Call Notice 4415 dated 17.08.2022 and 1st Corrigendum Notice No. 4703 dated 26.08.2022 and date of opening of bid documents has been rescheduled from 11.00 A.M. on Dt.09.09.2022 to 11 A.M. on Dt.15.09.2022.

**Sd./- Executive Officer, Kendrapara Municipality**

| କ୍ର. ନଂ. | ସର୍ଭେ/ ପ୍ଲଟ ନଂ | ଜମିର ପ୍ରକାର | ଜମିର କିସମ | ଜମିର ରକବା | ଜମିର ରକବା (ହେକ୍ଟରରେ) |
|---|---|---|---|---|---|
| ୪୧ | ୧୬୬୬ | ସରକାରୀ(ଅନାବାଦି) | ପୁରାତନ ପତିତ | ୦.୬୧୦୦୦୦୦(ଏକର) | ୦.୨୪୬୮୬୩୬ |
| ୪୨ | ୧୬୬୭ | ବେସରକାରୀ | ଡାଲୁଅ | ୦.୮୮୦୦୦୦୦(ଏକର) | ୦.୩୫୬୧୩୧୧ |
| ୪୩ | ୧୬୬୮ | ବେସରକାରୀ | ଡାଲୁଅ | ୦.୬୭୦୦୦୦୦(ଏକର) | ୦.୨୭୧୧୪୫୩ |
| ୪୪ | ୧୬୬୯ | ବେସରକାରୀ | ଡାଲୁଅ | ୦.୦୮୦୦୦୦୦(ଏକର) | ୦.୦୩୨୩୭୫୬ |
| ୪୫ | ୧୬୭୦ | ବେସରକାରୀ | ପୋଖରି | ୦.୭୪୦୦୦୦୦(ଏକର) | ୦.୨୯୯୪୭୩୯ |
| ୪୬ | ୧୬୭୧ | ବେସରକାରୀ | ଡାଲୁଅ | ୧.୧୦୦୦୦୦୦(ଏକର) | ୦.୪୪୫୧୬୩୯ |
| ୪୭ | ୧୬୭୨ | ବେସରକାରୀ | ଡାଲୁଅ | ୧.୨୯୦୦୦୦୦(ଏକର) | ୦.୫୨୨୦୫୫୮ |
| ୪୮ | ୧୬୭୪ | ବେସରକାରୀ | ପୁରାତନ ପତିତ | ୦.୨୨୦୦୦୦୦(ଏକର) | ୦.୦୮୯୦୩୨୮ |
| ୪୯ | ୧୬୭୫ | ସରକାରୀ(ଅନାବାଦି) | ପୁରାତନ ପତିତ | ୦.୮୧୦୦୦୦୦(ଏକର) | ୦.୩୨୭୮୦୨୫ |
| ୫୦ | ୧୭୩୮ | ସରକାରୀ(ଅନାବାଦି) | ପୁରାତନ ପତିତ | ୨.୭୧୦୦୦୦୦(ଏକର) | ୧.୦୯୬୭୨୨୦ |
| ୫୧ | ୧୭୩୯ | ବେସରକାରୀ | ଶାରଦ-୨ | ୧.୮୦୦୦୦୦୦(ଏକର) | ୦.୭୨୮୪୫୦୦ |
| ୫୨ | ୧୭୪୦ | ବେସରକାରୀ | ଶାରଦ-୨ | ୦.୧୧୦୦୦୦୦(ଏକର) | ୦.୦୪୪୫୧୬୪ |
| ୫୩ | ୧୭୪୧ | ବେସରକାରୀ | ଶାରଦ-୨ | ୦.୧୧୦୦୦୦୦(ଏକର) | ୦.୦୪୪୫୧୬୪ |
| ୫୪ | ୧୭୪୨ | ବେସରକାରୀ | ଶାରଦ-୨ | ୦.୧୮୦୦୦୦୦(ଏକର) | ୦.୦୭୨୮୪୫୦ |
| ୫୫ | ୧୭୪୩ | ବେସରକାରୀ | ପୁରାତନ ପତିତ | ୦.୧୪୦୦୦୦୦(ଏକର) | ୦.୦୫୬୬୫୭୨ |
| ୫୬ | ୧୭୪୪ | ବେସରକାରୀ | ଶାରଦ-୨ | ୦.୧୯୦୦୦୦୦(ଏକର) | ୦.୦୭୬୮୯୧୯ |
| ୫୭ | ୧୭୪୫ | ବେସରକାରୀ | ଶାରଦ-୨ | ୦.୦୩୦୦୦୦୦(ଏକର) | ୦.୦୧୨୧୪୦୮ |
| ୫୮ | ୧୭୪୬ | ବେସରକାରୀ | ଶାରଦ-୨ | ୦.୧୯୦୦୦୦୦(ଏକର) | ୦.୦୭୬୮୯୧୯ |
| ୫୯ | ୧୭୪୭ | ବେସରକାରୀ | ଶାରଦ-୨ | ୦.୧୫୦୦୦୦୦(ଏକର) | ୦.୦୬୦୭୦୪୨ |
| ୬୦ | ୧୭୪୮ | ବେସରକାରୀ | ଶାରଦ | ୦.୧୧୦୦୦୦୦(ଏକର) | ୦.୦୪୪୫୧୬୪ |
| ୬୧ | ୧୭୪୯ | ବେସରକାରୀ | ଶାରଦ-୨ | ୦.୧୧୦୦୦୦୦(ଏକର) | ୦.୦୪୪୫୧୬୪ |
| ୬୨ | ୧୭୫୦ | ବେସରକାରୀ | ଶାରଦ-୨ | ୦.୦୯୦୦୦୦୦(ଏକର) | ୦.୦୩୬୪୨୨୫ |
| ୬୩ | ୧୭୫୧ | ବେସରକାରୀ | ଶାରଦ | ୦.୧୧୦୦୦୦୦(ଏକର) | ୦.୦୪୪୫୧୬୪ |
| ୬୪ | ୧୭୫୨ | ବେସରକାରୀ | ଶାରଦ-୨ | ୦.୮୭୦୦୦୦୦(ଏକର) | ୦.୩୫୨୦୮୪୨ |
| ୬୫ | ୧୭୫୮ | ବେସରକାରୀ | ଶାରଦ-୨ | ୦.୨୦୦୦୦୦୦(ଏକର) | ୦.୦୮୦୯୩୮୯ |
| ୬୬ | ୧୯୩୧ | ବେସରକାରୀ | ଶାରଦ-୨ | ୦.୯୫୦୦୦୦୦(ଏକର) | ୦.୩୮୪୪୫୯୭ |
| ୬୭ | ୧୯୩୨ | ବେସରକାରୀ | ଶାରଦ-୨ | ୦.୩୪୦୦୦୦୦(ଏକର) | ୦.୧୩୭୫୯୬୧ |
| ୬୮ | ୧୯୩୩ | ବେସରକାରୀ | ଶାରଦ | ୦.୨୩୦୦୦୦୦(ଏକର) | ୦.୦୯୩୦୭୯୭ |
| ୬୯ | ୧୯୩୪ | ବେସରକାରୀ | ଶାରଦ | ୦.୩୧୦୦୦୦୦(ଏକର) | ୦.୧୨୫୪୫୫୩ |
| ୭୦ | ୧୯୩୫ | ବେସରକାରୀ | ଶାରଦ | ୧.୦୬୦୦୦୦୦(ଏକର) | ୦.୪୨୮୯୭୬୧ |
| ୭୧ | ୧୯୩୬ | ବେସରକାରୀ | ଶାରଦ-୨ | ୧.୦୮୦୦୦୦୦(ଏକର) | ୦.୪୩୭୦୭୦୦ |
| ୭୨ | ୧୯୩୭ | ବେସରକାରୀ | ଶାରଦ | ୦.୧୭୦୦୦୦୦(ଏକର) | ୦.୦୬୮୭୯୮୧ |
| ୭୩ | ୧୯୩୮ | ବେସରକାରୀ | ଶାରଦ-୨ | ୦.୪୧୦୦୦୦୦(ଏକର) | ୦.୧୬୫୯୨୪୭ |
| ୭୪ | ୧୯୩୯ | ବେସରକାରୀ | ଶାରଦ-୨ | ୦.୩୪୦୦୦୦୦(ଏକର) | ୦.୧୩୭୫୯୬୧ |
| ୭୫ | ୧୯୪୦ | ବେସରକାରୀ | ଶାରଦ-୨ | ୦.୨୪୦୦୦୦୦(ଏକର) | ୦.୦୯୭୧୨୬୬ |
| ୭୬ | ୧୯୪୧ | ବେସରକାରୀ | ଶାରଦ-୨ | ୦.୨୭୦୦୦୦୦(ଏକର) | ୦.୧୦୯୨୬୭୫ |
| ୭୭ | ୧୯୪୨ | ବେସରକାରୀ | ଶାରଦ-୨ | ୦.୨୩୦୦୦୦୦(ଏକର) | ୦.୦୯୩୦୭୯୭ |
| ୭୮ | ୧୯୪୭ | ବେସରକାରୀ | ଶାରଦ | ୧.୦୫୦୦୦୦୦(ଏକର) | ୦.୪୨୪୯୨୯୨ |
| ୭୯ | ୧୯୪୮ | ବେସରକାରୀ | ଶାରଦ | ୦.୨୭୦୦୦୦୦(ଏକର) | ୦.୧୦୯୨୬୭୫ |
| ୮୦ | ୧୯୪୯ | ବେସରକାରୀ | ଶାରଦ-୨ | ୦.୨୬୦୦୦୦୦(ଏକର) | ୦.୧୦୫୨୨୦୬ |
| ୮୧ | ୧୯୫୦ | ବେସରକାରୀ | ଶାରଦ-୨ | ୦.୩୯୦୦୦୦୦(ଏକର) | ୦.୧୫୭୮୩୦୮ |
| ୮୨ | ୧୯୫୨ | ବେସରକାରୀ | ଶାରଦ | ୦.୭୭୦୦୦୦୦(ଏକର) | ୦.୩୧୧୬୧୪୭ |
| ୮୩ | ୨୨୭୪ | ବେସରକାରୀ | ପୁରାତନ ପତିତ | ୦.୨୧୦୦୦୦୦(ଏକର) | ୦.୦୮୪୯୮୫୮ |
| ୮୪ | ୨୨୭୮ | ବେସରକାରୀ | ଶାରଦ-୨ | ୦.୧୫୦୦୦୦୦(ଏକର) | ୦.୦୬୦୭୦୪୨ |
| ୮୫ | ୨୨୭୯ | ବେସରକାରୀ | ପୁରାତନ ପତିତ | ୦.୦୯୦୦୦୦୦(ଏକର) | ୦.୦୩୬୪୨୨୫ |
| ୮୬ | ୨୨୮୦ | ବେସରକାରୀ | ଶାରଦ-୨ | ୦.୨୪୦୦୦୦୦(ଏକର) | ୦.୦୯୭୧୨୬୬ |
| ୮୭ | ୨୨୮୧ | ବେସରକାରୀ | ଶାରଦ-୨ | ୦.୨୪୦୦୦୦୦(ଏକର) | ୦.୦୯୭୧୨୬୬ |
| ୮୮ | ୨୨୮୩ | ବେସରକାରୀ | ଶାରଦ | ୦.୩୨୦୦୦୦୦(ଏକର) | ୦.୧୨୯୫୦୨୨ |
| ୮୯ | ୨୨୮୪ | ବେସରକାରୀ | ଶାରଦ-୨ | ୦.୬୩୦୦୦୦୦(ଏକର) | ୦.୨୫୪୯୫୭୫ |
| ୯୦ | ୨୨୮୫ | ବେସରକାରୀ | ଶାରଦ-୨ | ୧.୦୩୦୦୦୦୦(ଏକର) | ୦.୪୧୬୮୩୫୩ |
| ୯୧ | ୨୨୮୬ | ବେସରକାରୀ | ଶାରଦ-୨ | ୦.୧୪୦୦୦୦୦(ଏକର) | ୦.୦୫୬୬୫୭୨ |
| ୯୨ | ୨୨୮୭ | ବେସରକାରୀ | ଶାରଦ-୨ | ୦.୬୨୦୦୦୦୦(ଏକର) | ୦.୨୫୦୯୧୦୬ |
| ୯୩ | ୨୨୮୮ | ବେସରକାରୀ | ଶାରଦ-୨ | ୦.୦୬୦୦୦୦୦(ଏକର) | ୦.୦୨୪୨୮୧୭ |
| ୯୪ | ୨୨୮୯ | ବେସରକାରୀ | ଶାରଦ-୨ | ୦.୦୬୦୦୦୦୦(ଏକର) | ୦.୦୨୪୨୮୧୭ |
| ୯୫ | ୨୨୯୦ | ବେସରକାରୀ | ଶାରଦ-୨ | ୦.୦୨୭୬୦୦୦(ଏକର) | ୦.୦୧୧୧୬୯୬ |
| ୯୬ | ୨୨୯୧ | ବେସରକାରୀ | ଶାରଦ-୨ | ୦.୧୧୭୬୦୦୦(ଏକର) | ୦.୦୪୭୫୯୨୧ |
| ୯୭ | ୨୨୯୨ | ବେସରକାରୀ | ଶାରଦ-୨ | ୦.୧୪୦୦୦୦୦(ଏକର) | ୦.୦୫୬୬୫୭୨ |
| ୯୮ | ୨୨୯୩ | ବେସରକାରୀ | ଶାରଦ-୨ | ୦.୨୭୦୦୦୦୦(ଏକର) | ୦.୧୦୯୨୬୭୫ |
| ୯୯ | ୨୫୧୯ | ବେସରକାରୀ | ଶାରଦ | ୦.୩୬୦୦୦୦୦(ଏକର) | ୦.୧୪୫୬୯୦୦ |
| ୧୦୦ | ୨୫୨୧ | ବେସରକାରୀ | ଶାରଦ | ୦.୫୫୦୦୦୦୦(ଏକର) | ୦.୨୨୨୫୮୨୦ |
| ୧୦୧ | ୨୫୨୨ | ବେସରକାରୀ | ଶାରଦ-୨ | ୦.୩୧୦୦୦୦୦(ଏକର) | ୦.୧୨୫୪୫୫୩ |
| ୧୦୨ | ୨୫୨୩ | ବେସରକାରୀ | ଶାରଦ-୨ | ୦.୩୧୦୦୦୦୦(ଏକର) | ୦.୧୨୫୪୫୫୩ |
| ୧୦୩ | ୨୫୨୪ | ବେସରକାରୀ | ଶାରଦ-୨ | ୦.୧୨୦୦୦୦୦(ଏକର) | ୦.୦୪୮୫୬୩୩ |
| ୧୦୪ | ୨୫୨୫ | ବେସରକାରୀ | ପୁରାତନ ପତିତ | ୦.୦୩୦୦୦୦୦(ଏକର) | ୦.୦୧୨୧୪୦୮ |
| ୧୦୫ | ୨୫୨୬ | ବେସରକାରୀ | ପୁରାତନ ପତିତ | ୦.୦୨୦୦୦୦୦(ଏକର) | ୦.୦୦୮୦୯୩୯ |
| ୧୦୬ | ୨୫୨୭ | ବେସରକାରୀ | ଶାରଦ-୨ | ୦.୧୨୦୦୦୦୦(ଏକର) | ୦.୦୪୮୫୬୩୩ |
| ୧୦୭ | ୨୫୨୮ | ବେସରକାରୀ | ଶାରଦ-୨ | ୦.୧୭୦୦୦୦୦(ଏକର) | ୦.୦୬୮୭୯୮୧ |
| ୧୦୮ | ୨୫୨୯ | ବେସରକାରୀ | ଶାରଦ | ୦.୨୫୦୦୦୦୦(ଏକର) | ୦.୧୦୧୧୭୩୬ |
| ୧୦୯ | ୨୬୩୪ | ବେସରକାରୀ | ଶାରଦ-୨ | ୦.୨୭୦୦୦୦୦(ଏକର) | ୦.୧୦୯୨୬୭୫ |
| ୧୧୦ | ୨୬୩୫ | ସରକାରୀ (ଆବାଦଯୋଗ୍ୟ ଅନାବାଦି) | ପତିତ | ୦.୬୪୦୦୦୦୦(ଏକର) | ୦.୨୫୯୦୦୪୫ |
| ୧୧୧ | ୨୬୩୭ | ବେସରକାରୀ | ଶାରଦ-୨ | ୦.୮୦୦୦୦୦୦(ଏକର) | ୦.୩୨୩୭୫୫୬ |
| ୧୧୨ | ୨୬୩୯ | ବେସରକାରୀ | ଶାରଦ-୨ | ୧.୨୫୦୦୦୦୦(ଏକର) | ୦.୫୦୫୮୬୮୧ |
| ୧୧୩ | ୨୬୪୩ | ବେସରକାରୀ | ଶାରଦ-୨ | ୦.୪୪୦୦୦୦୦(ଏକର) | ୦.୧୭୮୦୬୫୬ |
| ୧୧୪ | ୨୬୪୪ | ବେସରକାରୀ | ଶାରଦ-୨ | ୧.୦୧୦୦୦୦୦(ଏକର) | ୦.୪୦୮୭୪୧୪ |
| ୧୧୫ | ୨୬୪୫ | ବେସରକାରୀ | ଶାରଦ-୨ | ୦.୨୫୦୦୦୦୦(ଏକର) | ୦.୧୦୧୧୭୩୬ |
| ୧୧୬ | ୨୬୪୬ | ବେସରକାରୀ | ଶାରଦ-୨ | ୦.୩୫୦୦୦୦୦(ଏକର) | ୦.୧୪୧୬୪୩୧ |
| ୧୧୭ | ୨୬୪୭ | ବେସରକାରୀ | ଶାରଦ-୨ | ୦.୪୩୦୦୦୦୦(ଏକର) | ୦.୧୭୪୦୧୮୬ |
| ୧୧୮ | ୨୬୪୮ | ବେସରକାରୀ | ଶାରଦ-୨ | ୦.୩୫୦୦୦୦୦(ଏକର) | ୦.୧୪୧୬୪୩୧ |
| ୧୧୯ | ୨୬୪୯ | ବେସରକାରୀ | ଶାରଦ-୨ | ୦.୨୬୦୦୦୦୦(ଏକର) | ୦.୧୦୫୨୨୦୬ |
| ୧୨୦ | ୨୬୫୦ | ବେସରକାରୀ | ଶାରଦ-୨ | ୦.୪୦୦୦୦୦୦(ଏକର) | ୦.୧୬୧୮୭୭୮ |
| ୧୨୧ | ୨୬୫୪ | ବେସରକାରୀ | ଶାରଦ-୨ | ୦.୨୫୦୦୦୦୦(ଏକର) | ୦.୧୦୧୧୭୩୬ |
| ୧୨୨ | ୨୬୫୫ | ବେସରକାରୀ | ଶାରଦ-୨ | ୦.୭୦୦୦୦୦୦(ଏକର) | ୦.୨୮୩୨୮୬୧ |
| ୧୨୩ | ୨୬୫୬ | ବେସରକାରୀ | ଶାରଦ-୨ | ୦.୫୦୦୦୦୦୦(ଏକର) | ୦.୨୦୨୩୪୭୨ |
| ୧୨୪ | ୨୬୫୭ | ବେସରକାରୀ | ଶାରଦ-୨ | ୦.୪୦୦୦୦୦୦(ଏକର) | ୦.୧୬୧୮୭୭୮ |
| ୧୨୫ | ୨୬୫୮ | ବେସରକାରୀ | ପୁରାତନ ପତିତ | ୦.୦୨୦୦୦୦୦(ଏକର) | ୦.୦୦୮୦୯୩୯ |
| ୧୨୬ | ୨୬୫୯ | ବେସରକାରୀ | ଶାରଦ-୨ | ୦.୨୮୦୦୦୦୦(ଏକର) | ୦.୧୧୩୩୧୪୪ |
| ୧୨୭ | ୨୬୬୦ | ବେସରକାରୀ | ଶାରଦ-୨ | ୦.୭୨୦୦୦୦୦(ଏକର) | ୦.୨୯୧୩୮୦୦ |
| ୧୨୮ | ୨୬୬୧ | ବେସରକାରୀ | ଶାରଦ-୨ | ୦.୫୩୦୦୦୦୦(ଏକର) | ୦.୨୧୪୪୮୮୧ |
| ୧୨୯ | ୨୬୬୨ | ବେସରକାରୀ | ଶାରଦ-୨ | ୦.୦୭୦୦୦୦୦(ଏକର) | ୦.୦୨୮୩୨୮୬ |
| ୧୩୦ | ୨୬୬୩ | ବେସରକାରୀ | ଶାରଦ-୨ | ୦.୨୦୦୦୦୦୦(ଏକର) | ୦.୦୮୦୯୩୮୯ |
| ୧୩୧ | ୨୬୬୪ | ବେସରକାରୀ | ଡାଲୁଅ | ୦.୪୯୦୦୦୦୦(ଏକର) | ୦.୧୯୮୩୦୦୩ |
| ୧୩୨ | ୨୭୧୦ | ବେସରକାରୀ | ଡାଲୁଅ | ୦.୧୯୦୦୦୦୦(ଏକର) | ୦.୦୭୬୮୯୧୯ |
| ୧୩୩ | ୨୭୧୨ | ସରକାରୀ (ଆବାଦଯୋଗ୍ୟ ଅନାବାଦି) | ପୁରାତନ ପତିତ | ୦.୧୧୦୦୦୦୦(ଏକର) | ୦.୦୪୪୫୧୬୪ |
| ୧୩୪ | ୨୭୧୩ | ବେସରକାରୀ | ଶାରଦ-୨ | ୦.୩୪୦୦୦୦୦(ଏକର) | ୦.୧୩୭୫୯୬୧ |
| ୧୩୫ | ୨୭୧୪ | ବେସରକାରୀ | ଶାରଦ-୨ | ୦.୬୦୦୦୦୦୦(ଏକର) | ୦.୨୪୨୮୧୬୭ |
| ୧୩୬ | ୨୭୧୫ | ବେସରକାରୀ | ଶାରଦ-୨ | ୦.୦୩୦୦୦୦୦(ଏକର) | ୦.୦୧୨୧୪୦୮ |
| ୧୩୭ | ୨୭୧୬ | ବେସରକାରୀ | ଶାରଦ-୨ | ୦.୦୩୦୦୦୦୦(ଏକର) | ୦.୦୧୨୧୪୦୮ |
| ୧୩୮ | ୨୭୧୭ | ବେସରକାରୀ | ଶାରଦ-୨ | ୦.୨୧୦୦୦୦୦(ଏକର) | ୦.୦୮୪୯୮୫୮ |
| ୧୩୯ | ୨୭୧୯ | ବେସରକାରୀ | ଶାରଦ-୨ | ୦.୫୬୦୦୦୦୦(ଏକର) | ୦.୨୨୬୬୨୮୯ |
| ୧୪୦ | ୨୭୨୦ | ସରକାରୀ (ଆବାଦଯୋଗ୍ୟ ଅନାବାଦି) | ପତିତ | ୦.୫୮୦୦୦୦୦(ଏକର) | ୦.୨୩୪୭୨୨୮ |
| ୧୪୧ | ୨୭୨୧ | ବେସରକାରୀ | ଶାରଦ-୨ | ୦.୫୬୦୦୦୦୦(ଏକର) | ୦.୨୨୬୬୨୮୯ |
| ୧୪୨ | ୨୭୨୨ | ସରକାରୀ (ଆବାଦଯୋଗ୍ୟ ଅନାବାଦି) | ଶାରଦ-୨ | ୦.୨୬୦୦୦୦୦(ଏକର) | ୦.୧୦୫୨୨୦୬ |
| ୧୪୩ | ୨୭୨୩ | ବେସରକାରୀ | ଶାରଦ-୨ | ୦.୧୪୦୦୦୦୦(ଏକର) | ୦.୦୫୬୬୫୭୨ |
| ୧୪୪ | ୨୭୨୪ | ବେସରକାରୀ | ଶାରଦ-୨ | ୦.୧୭୦୦୦୦୦(ଏକର) | ୦.୦୬୮୭୯୮୧ |
| ୧୪୫ | ୨୭୨୫ | ବେସରକାରୀ | ଶାରଦ-୨ | ୦.୧୪୦୦୦୦୦(ଏକର) | ୦.୦୫୬୬୫୭୨ |
| ୧୪୬ | ୨୭୩୨ | ସରକାରୀ(ରକ୍ଷିତ) | ଆଡ଼ି | ୦.୬୬୦୦୦୦୦(ଏକର) | ୦.୨୬୭୦୯୮୩ |
| ୧୪୭ | ୨୮୬୮ | ବେସରକାରୀ | ଶାରଦ-୨ | ୦.୫୧୭୪୦୦୦(ଏକର) | ୦.୨୦୯୩୮୮୯ |
| ୧୪୮ | ୨୮୬୯ | ବେସରକାରୀ | ଶାରଦ-୨ | ୦.୪୬୦୮୦୦୦(ଏକର) | ୦.୧୮୬୪୮୩୨ |
| ୧୪୯ | ୨୮୭୦ | ବେସରକାରୀ | ଶାରଦ-୨ | ୦.୬୩୦୨୦୦୦(ଏକର) | ୦.୨୫୫୦୩୮୪ |
| ୧୫୦ | ୨୮୭୧ | ବେସରକାରୀ | ଶାରଦ-୨ | ୦.୩୫୦୦୦୦୦(ଏକର) | ୦.୧୪୧୬୪୩୧ |
| ୧୫୧ | ୨୮୭୨ | ବେସରକାରୀ | ଶାରଦ-୨ | ୦.୦୬୦୦୦୦୦(ଏକର) | ୦.୦୨୪୨୮୧୭ |
| ୧୫୨ | ୨୮୭୩ | ସରକାରୀ (ଆବାଦଯୋଗ୍ୟ ଅନାବାଦି) | ପତିତ | ୧.୬୪୦୦୦୦୦(ଏକର) | ୦.୬୬୩୬୯୮୯ |
| ୧୫୩ | ୨୮୯୧ | ବେସରକାରୀ | ଶାରଦ-୨ | ୦.୨୫୦୦୦୦୦(ଏକର) | ୦.୧୦୧୧୭୩୬ |
| ୧୫୪ | ୨୮୯୨ | ବେସରକାରୀ | ଶାରଦ-୨ | ୦.୨୧୦୦୦୦୦(ଏକର) | ୦.୦୮୪୯୮୫୮ |
| ୧୫୫ | ୨୮୯୩ | ବେସରକାରୀ | ଶାରଦ-୨ | ୦.୩୫୦୦୦୦୦(ଏକର) | ୦.୧୪୧୬୪୩୧ |
| ୧୫୬ | ୨୮୯୪ | ବେସରକାରୀ | ଶାରଦ | ୦.୫୩୦୦୦୦୦(ଏକର) | ୦.୨୧୪୪୮୮୧ |
| ୧୫୭ | ୨୮୯୬ | ବେସରକାରୀ | ଶାରଦ-୨ | ୦.୪୦୦୦୦୦୦(ଏକର) | ୦.୧୬୧୮୭୭୮ |
| ୧୫୮ | ୨୯୦୭ | ବେସରକାରୀ | ଶାରଦ-୨ | ୦.୭୯୦୦୦୦୦(ଏକର) | ୦.୩୧୯୭୦୮୬ |
| ୧୫୯ | ୨୯୦୮ | ସରକାରୀ (ଆବାଦଯୋଗ୍ୟ ଅନାବାଦି) | ପତିତ | ୦.୮୫୦୦୦୦୦(ଏକର) | ୦.୩୪୩୯୯୦୩ |
| ୧୬୦ | ୨୯୦୯ | ସରକାରୀ (ଆବାଦଯୋଗ୍ୟ ଅନାବାଦି) | ପତିତ | ୨.୪୨୦୦୦୦୦(ଏକର) | ୦.୯୭୯୩୬୦୬ |
| ୧୬୧ | ୨୯୧୦ | ସରକାରୀ (ଆବାଦଯୋଗ୍ୟ ଅନାବାଦି) | ପତିତ | ୦.୩୧୦୦୦୦୦(ଏକର) | ୦.୧୨୫୪୫୫୩ |
| ୧୬୨ | ୨୯୧୧ | ବେସରକାରୀ | ଶାରଦ-୨ | ୦.୦୩୦୦୦୦୦(ଏକର) | ୦.୦୧୨୧୪୦୮ |
| ୧୬୩ | ୨୯୧୨ | ବେସରକାରୀ | ଶାରଦ-୨ | ୦.୩୪୦୦୦୦୦(ଏକର) | ୦.୧୩୭୫୯୬୧ |
| ୧୬୪ | ୨୯୧୪ | ବେସରକାରୀ | ଶାରଦ-୨ | ୧.୬୨୦୦୦୦୦(ଏକର) | ୦.୬୫୫୬୦୫୦ |
| ୧୬୫ | ୨୯୧୫ | ବେସରକାରୀ | ଶାରଦ-୨ | ୦.୯୧୦୦୦୦୦(ଏକର) | ୦.୩୬୮୨୭୨୦ |
| ୧୬୬ | ୨୯୧୬ | ବେସରକାରୀ | ଶାରଦ-୨ | ୦.୬୦୦୦୦୦୦(ଏକର) | ୦.୨୪୨୮୧୬୭ |
| ୧୬୭ | ୨୯୧୭ | ବେସରକାରୀ | ଶାରଦ-୨ | ୦.୮୦୦୦୦୦୦(ଏକର) | ୦.୩୨୩୭୫୫୬ |
| ୧୬୮ | ୨୯୧୮ | ବେସରକାରୀ | ଶାରଦ | ୦.୬୯୦୦୦୦୦(ଏକର) | ୦.୨୭୯୨୩୯୨ |
| ୧୬୯ | ୨୯୧୯ | ବେସରକାରୀ | ଶାରଦ-୨ | ୦.୦୭୦୦୦୦୦(ଏକର) | ୦.୦୨୮୩୨୮୬ |
| ୧୭୦ | ୨୯୨୦ | ସରକାରୀ (ଆବାଦଯୋଗ୍ୟ ଅନାବାଦି) | ପୁରାତନ ପତିତ | ୦.୩୧୦୦୦୦୦(ଏକର) | ୦.୧୨୫୪୫୫୩ |
| ୧୭୧ | ୨୯୨୧ | ବେସରକାରୀ | ଶାରଦ-୨ | ୦.୩୩୦୦୦୦୦(ଏକର) | ୦.୧୩୩୫୪୯୨ |
| ୧୭୨ | ୨୯୨୨ | ବେସରକାରୀ | ଶାରଦ-୨ | ୦.୫୯୦୦୦୦୦(ଏକର) | ୦.୨୩୮୭୬୯୭ |
| ୧୭୩ | ୨୯୨୩ | ବେସରକାରୀ | ଶାରଦ-୨ | ୧.୨୫୦୦୦୦୦(ଏକର) | ୦.୫୦୫୮୬୮୧ |
| ୧୭୪ | ୨୯୨୪ | ବେସରକାରୀ | ଶାରଦ-୨ | ୦.୯୮୦୦୦୦୦(ଏକର) | ୦.୩୯୬୬୦୦୬ |
| ୧୭୫ | ୨୯୨୫ | ସରକାରୀ(ରକ୍ଷିତ) | ପାଣି ନାଳ | ୦.୦୬୦୦୦୦୦(ଏକର) | ୦.୦୨୪୨୮୧୭ |
| ୧୭୬ | ୨୯୨୬ | ବେସରକାରୀ | ଶାରଦ-୨ | ୦.୬୫୦୦୦୦୦(ଏକର) | ୦.୨୬୩୦୫୧୪ |
| ୧୭୭ | ୨୯୩୫/୩୧୧୦ | ବେସରକାରୀ | ଡାଲୁଅ | ୦.୩୮୦୦୦୦୦(ଏକର) | ୦.୧୫୩୭୮୩୯ |
| ୧୭୮ | ୨୯୩୫/୩୧୧୧ | ବେସରକାରୀ | ଡାଲୁଅ | ୦.୩୦୦୦୦୦୦(ଏକର) | ୦.୧୨୧୪୦୮୩ |
| ୧୭୯ | ୨୯୩୫/୩୧୧୨ | ବେସରକାରୀ | ଡାଲୁଅ | ୦.୩୬୦୦୦୦୦(ଏକର) | ୦.୧୪୫୬୯୦୦ |
| | | | ମୋଟ | ୯୪୩.୯୮୭୮ | ୩୮୨.୦୨୬୬ |

[F. No. NHAI/Costal Highway/Rameswar-Ratanpur/LA/3(a)/PIU/BBSR/3A2]
RAJESH GUPTA, Director

## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

**ବେତନଟୀ,୬।୯(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଞ୍ଚଳର ଜନୈକା ନାବାଳିକାଙ୍କୁ ବାରିପଦା ସଦରଥାନା ଅଞ୍ଚଳର ଜଣେ ନାବାଳକ ଅପହରଣ ପରେ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏନେଇ ବେତନଟୀ ପୋଲିସ ଏକ ମାମଲା(ନଂ.୨୭୬/୨୨)ରୁଜୁ କରି ମଙ୍ଗଳବାର ଅଭିଯୁକ୍ତ ନାବାଳକଙ୍କୁ ଥାନାରେ ଅଟକ ରଖିଥିବା ସୂଚନା ମିଳିଛି।

### ଗୋରୁ ବୋଝେଇ ଗାଡ଼ି ଜବତ,୨ ଗିରଫ

**ଉଦଳା,୬।୯(ଡି.ଏନ.ଏ.):** ବାହାର ରାଜ୍ୟକୁ ବେଆଇନ ଭାବେ ଗୋରୁ ଚାଲାଣ ବେଳେ ଉଦଳା ଥାନା ପୋଲିସ ଏକ ପିକ୍‌ଅପ୍ ଭ୍ୟାନ ଜବତ କରିଛି। ଉକ୍ତ ଗାଡ଼ିରେ ଥିବା ୮ ଗୋରୁଙ୍କୁ ଉଦ୍ଧାର କରାଯାଇଛି। ଏହି ଘଟଣାରେ ୨ଗୋ ଚାଲାଣକାରୀ ଗିରଫ ହୋଇଛନ୍ତି। ଅଭିଯୁକ୍ତ ଦ୍ୱୟ ହେଲେ ଖୁଣ୍ଟା ଥାନା ଅଞ୍ଚଳର କାହ୍ନୁ ମାଣ ଓ ପଶ୍ଚିମବଙ୍ଗର ବିଲାଲ ଅହମ୍ମଦ।

### ବ୍ୟବସାୟୀଙ୍କ ପରଲୋକ

**ଖଇରା, ୬।୯(ଡି.ଏନ.ଏ.):** ଖଇରା ବଜାରରେ ୮୦ବର୍ଷ ଧରି ହୋଟେଲ ତଥା ଅନ୍ୟାନ୍ୟ ବ୍ୟବସାୟ ମାଧମରେ ଖାଉଟିଙ୍କ ସହ ନିଆରା ସମ୍ପର୍କ ସ୍ଥାପନ କରିଥିବା ସୁଦର୍ଶନ ବାରିକ(୯୨) ଙ୍କର ଗତ ୩ତାରିଖ ସକାଳେ ପରଲୋକ ହୋଇଯାଇଛି। ୧୬ବର୍ଷ ବୟସରେ ସେ ବ୍ୟବସାୟରେ ପାଦ ଥାପି ଥିଲେ। ଏହା ମଧ୍ୟରେ ଖଇରା ବଜାର କମିଟିରେ ସଭ୍ୟ, କାଳିପୂଜା କମିଟିରେ ସମ୍ପାଦକ, ଗୀତାଯଜ୍ଞ କମିଟିରେ ସଭ୍ୟ ଭାବେ ରହି କମିଟିକୁ ବହୁ ମୂଲ୍ୟ ପରାମର୍ଶ ଦେଉଥିଲେ। ତାଙ୍କର ମୃତ୍ୟୁ ଖବର ପାଇ ଖଇରା ବଜାରର ବହୁ ବ୍ୟବସାୟୀ, ଶୁଭେଚ୍ଛୁ, ଦୁର୍ଗାପୂଜା କାଳିପୂଜା କମିଟି ସମେତ ଅନ୍ୟାନ୍ୟ ବହୁ ସଙ୍ଗଠନର କର୍ମକର୍ତ୍ତା ଶେଷ ଦର୍ଶନ କରିଥିଲେ।

### ଦେଶୀ ମଦ ଜବତ

**ବେତନଟୀ,୬।୯(ଡି.ଏନ.ଏ./ ସ୍ୱ.ପ୍ର.):** ହାତୀପତୁକା ସଂରକ୍ଷିତ ଜଙ୍ଗଲ ଭିତରେ ଦୀର୍ଘଦିନ ଧରି ଚାଲିଥିବା ଚୋରା ଦେଶୀମଦ କାରଖାନା ଉପରେ ମଙ୍ଗଳବାର ବେତନଟୀ ଅବକାରୀ ବିଭାଗ ଚଢ଼ାଉ କରି ୩୨ଶହ ଲିଟର ପୋଚ,୧୫୦ ଲିଟର ମଦ ଜବତ କରିଛି। ମଦ ବେପାରୀମାନେ ଜଙ୍ଗଲ ଭିତରେ ଛତ୍ରଭଙ୍ଗ ଦେଇ ଫେରାର ହୋଇ ଯାଇଥିଲେ। ଏନେଇ ଅବକାରୀ ଥାନା ପକ୍ଷରୁ ଏକ ମାମଲା ରୁଜୁ ହୋଇଛି। ଅବକାରୀ ଥାନା ଅଧିକାରୀ ନିରଞ୍ଜନ ସାହୁଙ୍କ ନେତୃତ୍ୱରେ ମୋବାଇଲ ଇନ୍ସପେକ୍ଟର ବିଜୟଲକ୍ଷ୍ମୀ ଦାସ, ଏଏସ୍‌ଆଇ ସୁଧାଂଶୁ ବେହେରା ଓ ପ୍ରକାଶ ଦେବତା ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

### ବଜ୍ରପାତରେ ନାବାଳିକାଙ୍କ ମୃତ୍ୟୁ

**ବୈଶିଙ୍ଗା,୬।୯(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ପାଟଳିପୁରା ପଞ୍ଚାୟତର ଦେଓପଡ଼ା ଗ୍ରାମର ଜନୈକା ନାବାଳିକାଙ୍କ ସୋମବାର ବଜ୍ରପାତରେ ମୃତ୍ୟୁ ହୋଇଛି। ସେ ହେଲେ ଜଟିଆ ସିଂଙ୍କ ଝିଅ ରଞ୍ଜିତା(୧୫)। ଅପରାହ୍ନ ୩ଟା ସମୟରେ ସେ ଘର ପାଖରେ ଥିବା ବେଳେ ବଜ୍ରପାତ ହେବାରୁ ସେହିଠାରେ ହିଁ ଟଳି ପଡ଼ିଥିଲେ। ଏ ନେଇ ବୈଶିଙ୍ଗା ଥାନାରେ ଏକ ମାମଲା(ନଂ. ୪୦/୨୨)ରୁଜୁ ହୋଇଛି।

### ପାଇପ୍ ଚୋରି, ଦୁଇ ଗିରଫ

**ଆନନ୍ଦପୁର,୬।୯(ସ୍ୱ.ପ୍ର.):** ପୌରାଞ୍ଚଳକୁ ପାନୀୟ ଜଳ ଯୋଗାଣ ନିମନ୍ତେ ଆନନ୍ଦପୁର ବ୍ୟାରେଜ ନିକଟରେ ନିର୍ମାଣାଧିନ ପ୍ରକଳ୍ପ ନିକଟରୁ ପାଇପ ଚୋରି ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ଝାଡଖଣ୍ଡ ଅଞ୍ଚଳର ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସୋମବାର ରାତିରେ ପ୍ରକଳ୍ପ ନିକଟରୁ ସାମଗ୍ରୀ ଚୋରି ହେଉଥିବା ସୂଚନା ପାଇ ଆନନ୍ଦପୁର ଥାନା ଏସ୍‌ଆଇ ସିଲୁ ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ୨ ଜଣଙ୍କୁ ଗିରଫ କରିଥିଲେ। ଏହାସହିତ ୭୫ ପିସ୍ ଜିଆଇ ପାଇପ୍ ସହିତ ଲୋଡ ହୋଇଥିବା ଗାଡିକୁ ମଧ୍ୟ ଜବତ କରିଥିଲେ। ଗିରଫ ଅଭିଯୁକ୍ତ ହେଲେ ଝାଡଖଣ୍ଡ ରାଜ୍ୟ ଚମ୍ପା ଜିଲା ଅଞ୍ଚଳର ବିଶାଲ କୁମାର ଦେବଗନ ଓ ବଜରଙ୍ଗ ଯାଦବ। ଉଭୟଙ୍କୁ ପୋଲିସ ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଜବତ ପାଇପ୍‌ର ମୂଲ୍ୟ ପାଖାପାଖି ୪ ଲକ୍ଷରୁ ଉର୍ଦ୍ଧ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ପ୍ରକଳ୍ପ ନିର୍ମାଣ ଦାୟିତ୍ୱରେ ଥିବା ଇଷ୍ଟ ଇଣ୍ଡିଆ ଉଦ୍ୟୋଗ ଲିମିଟେଡର ଲିଆସନିଂ ଅଫିସର ଗୌରୀପ୍ରସାଦ ମହାନ୍ତିଙ୍କ ଅଭିଯୋଗକୁ ଆଧାର କରି ପୋଲିସ ଅଧିକ ତଦନ୍ତ କରୁଥିବା ଜଣାପଡିଛି।

# ଜିଲାପାଳଙ୍କୁ ଭେଟିବାକୁ ରାସ୍ତାରେ ବସିଲେ ଛାତ୍ରୀଛାତ୍ର

**ବାରିପଦା ଅଫିସ,୬।୯**



ଜିଲାପାଳଙ୍କୁ ଦାବି ଜଣାଇବାକୁ ଆସିଥିବା ଛାତ୍ରୀଛାତ୍ର।

ମୟୂରଭଞ୍ଜ ଜିଲା ବାଙ୍ଗରିପୋଷି ଏକଲବ୍ୟ ଆବାସିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବିଭିନ୍ନ ସମସ୍ୟା ସମ୍ପର୍କରେ ଜିଲାପାଳଙ୍କୁ ଭେଟି ଦାବି ଜଣାଇବାକୁ ରାସ୍ତାକୁ ଓହ୍ଲାଇଛନ୍ତି। ମଙ୍ଗଳବାର ସ୍କୁଲ ବନ୍ଦ କରି ଆନ୍ଦୋଳନ କରିବା ପରେ ଦୀର୍ଘ ୬କି.ମି. ଚାଲି ଚାଲି ବ୍ଲକ କାର୍ଯ୍ୟାଳୟ ପରିସରରେ ଅଟକି ରହିଥିଲେ। ପରେ ୪୯ନଂ. ଜାତୀୟ ରାଜପଥରେ ଧାରଣା ଦେଇଥିବା ସୂଚନା ମିଳିଛି। ଦାବି ପୂରଣ ନ ହେଲେ ଆନ୍ଦୋଳନ ଜାରି ରହିବ ବୋଲି ସେମାନେ ପ୍ରକାଶ କରିଛନ୍ତି ।

ସୂଚନାଯୋଗ୍ୟ, ବାଙ୍ଗରିପୋଷି ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତରେ ରହିଛି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ। ଏଥିରେ ପ୍ରଥମରୁ +୨ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ଅଧ୍ୟୟନ କରୁଛନ୍ତି। ପଦାର୍ଥ ବିଜ୍ଞାନ ଓ ରସାୟନ ବିଜ୍ଞାନ ଶିକ୍ଷକ ପଦବୀ ଫାଙ୍କା ପଡ଼ିଥିବାରୁ ପାଠପଢ଼ାରେ ବାଧା ଉପୁଜିଛି। ସେହିପରି ପ୍ରାକ୍ଟିକାଲ ଅଭ୍ୟାସରୁ ଛାତ୍ରୀଛାତ୍ର ବଞ୍ଚିତ ହେଉଥିବା ବେଳେ ଖାଦ୍ୟପେୟର ସମସ୍ୟା ଦୀର୍ଘ ଦିନ ଧରି ଲାଗିରହିଛି। ଶିକ୍ଷକ ପଦବୀ ପୂରଣ ହେଉ ନ ଥିବାରୁ ଛାତ୍ରୀଛାତ୍ରମାନେ ସ୍କୁଲରେ ତାଲା ପକାଇ ଆନ୍ଦୋଳନ କରିଥିଲେ। ଖବରପାଇ ପିଏ ଆଇଟିଡିଏ ବସନ୍ତ ସେଠୀ, ଦାୟିତ୍ୱରେ ଥିବା ଜିଲା ମଙ୍ଗଳ ଅଧିକାରୀ ସୁନାରାମ ସିଂ, ବିଡିଓ ସତ୍ୟବାନ ନାଏକ, ଅତିରିକ୍ତ ତହସିଲଦାର ସାଇବରାମ ବାସ୍କେ, ଏସ୍‌ଡିପିଓ କେ.କେ.ହରିପ୍ରସାଦ ଓ ଖାରପୋଖରିଆ ଥାନାଧିକାରୀ ଫନୀନ୍ଦ୍ର ଭୂଷଣ ନାଏକ ପ୍ରମୁଖ ପହଞ୍ଚି ବୁଝାସୁଝା କରିଥିଲେ। ମାତ୍ର ୨ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଜିଲାପାଳଙ୍କୁ ଭେଟି ସମସ୍ୟା ଜଣାଇବାକୁ ଜିଦ୍‌ରେ ୬କି.ମି. ପର୍ଯ୍ୟନ୍ତ ଚାଲି ଚାଲି ଆସିଥିଲେ। ବାଙ୍ଗିରିପୋଷି ବ୍ଲକ କାର୍ଯ୍ୟାଳୟଠାରେ ପ୍ରଶାସନିକ ଅଧିକାରୀମାନେ ସେମାନଙ୍କୁ ଅଟକାଇଥିଲେ। ସେଠାରେ ଭିଡିଓ କନଫରେନ୍ସ ଜରିଆରେ ଜିଲାପାଳ ସେମାନଙ୍କ ସହ କଥାବାର୍ତ୍ତା ହୋଇ ୭ ଦିନ ମଧ୍ୟରେ ବିଦ୍ୟାଳୟରେ ଶିକ୍ଷକ ସମସ୍ୟା ଦୂର ହେବ ବୋଲି କହିଥିଲେ ମଧ୍ୟ ଛାତ୍ରୀଛାତ୍ର ଜିଦ୍‌ରେ ଅଟଳ ରହିଛନ୍ତି। ଜିଲାପାଳଙ୍କ ସହ ପ୍ରତ୍ୟେକ୍ଷ ଭାବେ ଆଲୋଚନା କରିବା ଦାବିରେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ସେମାନେ ୪୯ନଂ. ଜାତୀୟ ରାଜପଥ ଅବରୋଧ କରିଥିବା ସୂଚନା ମିଳିଛି।

# ଦେଶପ୍ରେମର ବାର୍ତ୍ତା ବାଣ୍ଟିଲା ଅହିଂସା ରଥ

କେନ୍ଦୁଝର, ୬।୯ (ସ୍ୱ.ପ୍ର./ଡି.ଏନ୍.ଏ) କେନ୍ଦୁଝର ଜିଲାରେ ଅହିଂସା ରଥକୁ ଭବ୍ୟ ସ୍ୱାଗତ କରାଯାଇଛି । ଦୁଇଟି ରଥ ଜିଲାର ବିଭିନ୍ନ ବ୍ଲକ ବୁଲି ଦେଶପ୍ରେମ ଓ ଅହିଂସା ବାର୍ତ୍ତା ବାଣ୍ଟିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲାପାଳ ଆଶିଷ ଠାକରେ ଓ ଅନ୍ୟ ବରିଷ୍ଠ ପଦାଧିକାରୀ ଉପସ୍ଥିତ ରହି ସ୍ୱାଗତ କରିଥିଲେ । ଅତିରିକ୍ତ ଜିଲାପାଳ ଶ୍ରୀମତୀ ସୁଷମା ବିଲୁଙ୍ଗ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଯଦୁମଣି ମହଲା, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଘାସିରାମ ମୁର୍ମୁ, ଏସ୍‌ଡିପିଓ. ପ୍ରକାଶ ଜେମ୍ସ ଟୋପୋ, ଟାଉନଥାନା ନିରୀକ୍ଷକ ପ୍ରମୋଦିନୀ ସାହୁ, ଜିଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ଜୟଶ୍ରୀ ବେଉରା, କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ଡଃ ମଧୁସ୍ମିତା ସାମନ୍ତରାୟ, ଉପନିର୍ଦ୍ଦେଶକ, ସୂଚନା ଓ ଲୋକ ସଂପର୍କ କେନ୍ଦୁଝର ସଞ୍ଜୀବ ବାରିକ ପ୍ରମୁଖ ଉପସ୍ଥିତ ଥିଲେ । ପରେ ଏହି ରଥ ବିଭିନ୍ନ ବ୍ଲକ ଗସ୍ତ କରିଥିଲା। ଏହି ସମୟରେ ପ୍ରଶାସନିକ ଅଧିକାରୀ, ସ୍ଥାନୀୟ ସରପଞ୍ଚମାନେ ରଥକୁ ସ୍ୱାଗତ କରିଥିଲେ। ଅହିଂସା ରଥ ଜିଲାର ୧୩ ବ୍ଲକ୍ ଓ ୫ ପୌରାଞ୍ଚଳ ପରିକ୍ରମା କରିବ। ନିର୍ଦ୍ଧାରିତ ସ୍ଥାନମାନଙ୍କରେ ଅହିଂସା ରଥରେ ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନ ସଂପର୍କରେ ଭିଡିଓ ବାର୍ତ୍ତା, ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା, ଗାନ୍ଧିଜୀ ଓ ଓଡିଶା ଶୀର୍ଷକ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା । ପଦ ଯାତ୍ରା ଓ ବାଇକ ଶୋଭାଯାତ୍ରାରେ ଅହିଂସା ରଥ କୁ ବୀଭିନ୍ନ ସ୍ଥାନରେ ସ୍ୱାଗତ କରାଯାଇଥିଲା । ୯ ତାରିଖ ସକାଳେ ଅହିଂସା ରଥ ମୟୁରଭଞ୍ଜ ଜିଲା ଅଭିମୁଖେ ଯାତ୍ରା କରିବ ।


ଯୋଡ଼ାଠାରେ ଅହିଂସା ରଥକୁ ସ୍ୱାଗତ କରାଯାଉଛି।

**ଯୋଡ଼ା/ବଡ଼ବିଲ, ୬।୯(ଡି.ଏନ.ଏ./ସ୍ୱ.ପ୍ର.):** ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ନିମନ୍ତେ ଦେଶବ୍ୟାପୀ ପାଳନ ହେଉଥିବା ଅମୃତ ମହୋତ୍ସବ ଅବସରରେ ତଥା ଜାତିରପିତା ମହାତ୍ମାଗାନ୍ଧୀଙ୍କ ଓଡ଼ିଶା ଆଗମନର ଶହେବର୍ଷ ପୂର୍ତ୍ତି ଅବସରରେ ରାଜ୍ୟବ୍ୟାପୀ ଅହିଂସା ରଥ ପରିକ୍ରମା କରୁଛି। ମଙ୍ଗଳବାର ଏହି ଅହିଂସା ରଥ ଯୋଡା ପୌରପାଳିକା ଏବଂ ବ୍ଲକର ବିଲେଇପଦା ଛକ ଠାରେ ପହଞ୍ଚିଥିଲା। ଯୋଡ଼ା ପୌରପାଳିକାର ନଗରପାଳ ଡାକ୍ତର ଜଗଦୀଶ ପ୍ରସାଦ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଅହିଂସା ରଥକୁ ସ୍ୱାଗତ କରାଯାଇଥିଲା। ଏକ ମୋଟର ସାଇକେଲ ଶୋଭାଯାତ୍ରାରେ ଯୋଡା ବସଷ୍ଟାଣ୍ଡ ପର୍ଯ୍ୟନ୍ତ ନିଆଯାଇଥିଲା। ଏହି ଅବସରରେ ସ୍କୁଲ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ, ଅଙ୍ଗନବାଡି କର୍ମୀ, ଏସଏଚଜି ମହିଳା, ସ୍ୱଚ୍ଛସାଥୀ, ନଗରପାଳ, ଉପନଗରପାଳ, କାଉନସିଲର, ପୌର କର୍ମଚାରୀ ପ୍ରମୁଖ ଯୋଗଦେଇଥିଲେ। ଏହା ପରେ ଯୋଡା ବ୍ଲକ ବିଲେଇପଦା ଠାରେ ଏହି ରଥକୁ ପାଛୋଟି ନିଆଯାଇଥିଲା। ଯୋଡ଼ା ବ୍ଲକ ଅଧ୍ୟକ୍ଷ କବିନ୍ଦ୍ର ନାଏକ, ବିଡ଼ିଓ ଜଗନ୍ନାଥ ହନୁମାନ, ବିଲେଇପଦା ଫାଣ୍ଡି ଅଧିକାରୀ ସ୍ୱରୂପ ରଞ୍ଜନ ନାଏକ, ସେଣ୍ଟ୍ରାଲ ହେଲଥ ଅଫିସର ଜ୍ୟୋତ୍ସ୍ନା ଚାମ୍ପିଆଙ୍କ ସମେତ ବିରିକଳା ସରପଞ୍ଚ ମୁଖ ନାଏକ, ନାଏବ ସରପଞ୍ଚ କୁନ୍ତଳା ଖିଲାର,ସମିତି ସଭ୍ୟ ଜ୍ଞାନରଞ୍ଜନ ଖୁଣ୍ଟିଆ, କଣ୍ଡରା ସରପଞ୍ଚ ରୀନା ନାଏକ,ସମିତି ସଭ୍ୟ ସୋମନାଥ ମହାନ୍ତ, ଅଶେଇଁକଳା ସରପଞ୍ଚ ଭାରତୀ ମୁଣ୍ଡା,ସମିତି ସଭ୍ୟା ପିନାକୀ ବେହେରା, ବିଷ୍ଣୁ ଖିଲାର, ରଞ୍ଜିତ ନାଏକ, ସୁନିଲ ନାଏକ, ନରୋତ୍ତମ ନାଏକ, ଜଗନ୍ନାଥ ବାରିକଙ୍କ ସମେତ ପ୍ରାୟ ୫ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ରଥକୁ ସ୍ୱାଗତ କରିଥିଲେ ।

ସେହିପରି ବଡବିଲ ପୌରାଞ୍ଚଳରେ ଅହିଂସା ରଥ ପରିକ୍ରମା କରିଛି। ସହର ମୁଖ୍ୟ ପ୍ରବେଶ ପଥ ଗୋପବନ୍ଧୁ ଛକଠାରେ ପୌରାଧକ୍ଷ ଲକ୍ଷ୍ମଣ ମହାନ୍ତ, ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ପୌର କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀ ଓ ଜନସାଧାରଣ ରଥକୁ ଚନ୍ଦନ ସିନ୍ଦୁର ଦେଇ ବନ୍ଦାପନା କରିଥିଲେ। ସେଠାରୁ ଡାକ ବଙ୍ଗଳା ଛକ, ଅଟଳ ଛକ, ମଧୁସୂଦନ ଛକ, ବିକାଶ ମହଲ ଛକ, ନେତାଜୀ ସୁଭାଷ ବୋଷ ଛକଦେଇ ସହର ପରିକ୍ରମା କରିଥିଲା।


ଚମ୍ପୁଆଠାରେ ଅହିଂସା ରଥକୁ ସ୍ୱାଗତ କରାଯାଉଛି।

**ଚମ୍ପୁଆ, ୬।୯(ଡି.ଏନ.ଏ.):** ଅହିଂସା ରଥ ମଙ୍ଗଳବାର ଚମ୍ପୁଆ ସହର ଅତିକ୍ରମ କରିଛି। ଥକୁ କୋଦଗାଡିଆ, ଜାମୁଦଲକ ଓ ଚମ୍ପୁଆଠାରେ ସ୍ୱାଗତ ପ୍ରଦାନ କରାଯାଇଛି। ତହସିଲଦାର ଡ. ସାଇସସ୍ମିତା ହୋତା ଓ ଉପାଧ୍ୟକ୍ଷ ସୁମିତ୍ରା ବେହେରା ନଡିଆ ପିଟି ରଥକୁ ସ୍ୱାଗତ କରିଥିଲେ। ଚମ୍ପୁଆ ବିଡିଓ ଜ୍ୟୋସ୍ନା ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଅହିଂସା ରଥକୁ ସ୍ୱାଗତ କରାଯାଇଥିବା ବେଳେ ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ନାଏକ, ବ୍ଲକ ଅଧ୍ୟକ୍ଷ ସୁରେଶ ନାଏକ, ଏନଏସି ନିର୍ବାହୀ ଅଧିକାରୀ ସୁଜିତ କୁମାର ଚୌଧୁରୀ, ଜିଲାପରିଷଦ ସଭ୍ୟା ରମଣୀ ନାଏକ ପ୍ରମୁଖ ସହଯୋଗ କରିଥିଲେ।

# କୁରୁଣ୍ଟାରେ ଭାଜପା ସମୀକ୍ଷା ବୈଠକ

**ଖଇରା, ୬।୯(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁରୁଣ୍ଟା ପଞ୍ଚାୟତ ମିରିପୁର ଖଇରା ଗ୍ରାମରେ ଭାଜପାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଭାଜପା ଯୁବନେତା ତଥା ଜିଲା ପରିଷଦ ପ୍ରାର୍ଥୀ ଇଂ ରାଜେଶ ମହାକୁଡ ଯୋଗ ଦେଇ ଗ୍ରାମ ସାହୁ ସାହିର ଲୋକଙ୍କ ବିଭିନ୍ନ ସମସ୍ୟା ପଚାରି ବୁଝିଥିଲେ। ଗ୍ରାମର ବହୁ ହିତାଧିକାରୀ ଭତ୍ତା, ରାଶନକାର୍ଡ ଭଳି ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ହୋଇଥିବାରୁ ପ୍ରଶାସନ ନଜରକୁ ଆଣି ସହାୟତା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଗ୍ରାମରେ ଥିବା ଏକ ପୁରୁଣା ମନ୍ଦିର ଚତୁଃପାର୍ଶ୍ୱରେ ବର୍ଷାଜଳ ଅନେକ ସମୟରେ ଜମି ରହିବା ବିଷୟ ଗ୍ରାମବାସୀ ଉଠାଇବା ପରେ ଏହାର ପ୍ରତିକାର ନିଜ ଅର୍ଥରେ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ବିଗତ ନିର୍ବଚନରେ ପରାଜୟ ସତ୍ତ୍ୱେ ଇଂ ମହାକୁଡ ଲୋକଙ୍କ ନିକଟରେ ପହଞ୍ଚି ସମସ୍ୟା ବୁଝିଥିବାରୁ ସ୍ଥାନୀୟ ବାସିନ୍ଦା ଆତ୍ମସନ୍ତୋଷ ପ୍ରକାଶ କରିଥିଲେ। କୁରୁଣ୍ଟା ସରପଞ୍ଚ ରଘୁନାଥ ଜେନା, ସମିତିସଭ୍ୟା ପ୍ରତିନିଧି ବସନ୍ତ କୁମାର ମାଝି, ପଞ୍ଚାୟତ ସଭାପତି ଜୟନ୍ତ ମହାପାତ୍ର, ମାନସ ବେହେରା, କମଳଲୋଚନ ପ୍ରଧାନ, ଅକ୍ଷୟ କୁମାର ଦାସ, ଲମ୍ବୋଦର ବେହେରା, କୈବଲ୍ୟ ଦତ୍ତ, ମହେନ୍ଦ୍ର ବାରିକ ଗୋଲକ ବାରିକ, ଗଜେନ୍ଦ୍ର ଗୋଛାୟତ ପ୍ରମୁଖ ଉପସ୍ଥିତ ଥିଲେ।


ସମୀକ୍ଷା ବୈଠକରେ ଭାଜପା କର୍ମକର୍ତ୍ତା।

### ଧାଉଁଡିଆ ଜଙ୍ଗଲରେ ଗୋଠଛଡ଼ା ହାତୀ

**କୁଆମରା,୬।୯(ଡି.ଏନ.ଏ.)**

ବେତନଟୀ ରେଞ୍ଜ ଅଞ୍ଚଳରୁ ସୋମବାର ରାତିରେ ଏକ ଗୋଠଛଡ଼ା ହାତୀ ଖସି ଆସି କୁଆମରା ଫରେଷ୍ଟ ଅଧୀନ ଧାଉଁଡିଆ ସଂରକ୍ଷିତ ବଡ଼ବଧା ଜଙ୍ଗଲରେ ପ୍ରବେଶ କରିଛି। ହାତୀଟି ଜଙ୍ଗଲ ମଧ୍ୟରେ ଥିବା ଦେଖି ଲୋକେ ବନ ବିଭାଗକୁ ଖବର ଦେଇଥିଲେ। ବଡସାହି, ଉଦଳା ଓ କୁଆମରା ବନ ବିଭାଗ ପହଞ୍ଚି ହାତୀର ଗତିବିଧି ଉପରେ ଲକ୍ଷ୍ୟ ରଖିବା ସହ ନିକଟସ୍ଥ ଗ୍ରାମବାସୀଙ୍କୁ ସତର୍କ ରହିବା ପାଇଁ ପରାମର୍ଶ ଦେଇଛନ୍ତି। ଏହି ଗୋଠଛଡ଼ା ହାତୀଟିକୁ ଖୋଜିବା ପାଇଁ ହାତୀପଲ ଆସିପାରନ୍ତି ବୋଲି ଅନୁମାନ କରି ଅଞ୍ଚଳବାସୀ ଭୟଭୀତ ହୋଇ ପଡ଼ିଛନ୍ତି।

### ଗୁରୁପ୍ରସାଦ ମହାନ୍ତିଙ୍କ ବିୟୋଗରେ ଶୋକସଭା

**କେନ୍ଦୁଝର, ୬।୯ (ସ୍ୱ.ପ୍ର)**

ଝାଡ଼ଖଣ୍ଡ ବିଛିନ୍ନାଞ୍ଚଳ ଚକ୍ରଧରପୁରର ଉତ୍କଳମଣି ବିଦ୍ୟାମନ୍ଦିର ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ମଙ୍ଗଳବାର ଉତ୍କଳ ସମ୍ମିଳନୀ ପଶ୍ଚିମ ସିଂହଭୂମ ଶାଖା ପକ୍ଷରୁ ଡକ୍ଟର ଗୁରୁପ୍ରସାଦ ମହାନ୍ତିଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏହି ଶୋକସଭାରେ ତାଙ୍କର କର୍ମମୟ ଜୀବନୀ ଓ ଓଡ଼ିଆ ସାହିତ୍ୟର ଅବଦାନ ବିଷୟରେ ଅତିଥିମାନେ ଆଲୋକପାତ କରିଥିଲେ। ପଶ୍ଚିମ ସିଂହଭୂମ ଶାଖାର ସଭାପତି ପ୍ରଦୀପ୍ତ କୁମାର ଦାଶ, ଉପସଭାପତି କାମାକ୍ଷା ପ୍ରସାଦ ସାହୁ, ପୂର୍ବତନ ସଭାପତି ସରୋଜ କୁମାର ପ୍ରଧାନ, ଓଡ଼ିଆ ଭାଷା ବିକାଶ ପରିଷଦ ଝାଡ଼ଖଣ୍ଡର ସଭାପତି ପ୍ରଫେସର ଡକ୍ଟର ନାଗେଶ୍ୱର ପ୍ରଧାନ, ଉପସଭାପତି ସତ୍ୟପ୍ରକାଶ କର, ସାଧାରଣ ସଂପାଦକ ଦିଲ୍ଲୀପ ପ୍ରଧାନ, ବିଶିଷ୍ଟ ସମାଜସେବୀ କେଦାର ନାଥ ପ୍ରଧାନ, ଡାକ୍ତର ଜେ ଜେ ଷଡ଼ଙ୍ଗୀ, ବସନ୍ତ ପ୍ରଧାନ, ପ୍ରଦ୍ୟୁମ୍ନ କୁମ୍ଭକାର, ବାସନ୍ତୀ ମହାତୋ, ନିରୋଳା ପ୍ରଧାନ, ସବିତା ପ୍ରଜାପତି, ସୁଭଦ୍ରା ମିସ୍ତ୍ରୀ, ବିଦ୍ୟାବତୀ ଗିରି, ଯଶୋଦା ମହାତୋ, ପୁଷ୍ପଲତା ମଣ୍ଡଳ, ଆରତୀ ମଣ୍ଡଳ, ସୁନିତା ପ୍ରଧାନ, କୁନି ବାରିକ, ସଙ୍ଗୀତା ପ୍ରଧାନ, ରିନାରାଣୀ ଗିରି, ଆରତୀ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ବିଛିନ୍ନାଞ୍ଚଳରେ ଡକ୍ଟର ମହାନ୍ତିଙ୍କ ଓଡ଼ିଆ ଭାଷା ଶିକ୍ଷାର ପ୍ରଚାର ପ୍ରସାରରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଥିଲା।

# ଅଲ୍‌ଟରନେଟିଭ୍ ଲର୍ନିଂ ପ୍ରୋଜେକ୍ଟ ଶୁଭାରମ୍ଭ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧିକାରୀ।

**କେନ୍ଦୁଝର, ୬।୯(ଡି.ଏନ୍.ଏ./ସ୍ୱ.ପ୍ର.)**

ଜିଲା ପ୍ରଶାସନ ଓ ଅକ୍ଷର ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ କେନ୍ଦୁଝରରେ ଅଲଟରନେଟିଭ୍ ଲର୍ନିଂ ପ୍ରୋଜେକ୍ଟ ମଙ୍ଗଳବାର ଶୁଭାରମ୍ଭ ହୋଇଛି। ଦରବାର ହଲଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ଉପଦେଷ୍ଟା ଉପେନ୍ଦ୍ର ତ୍ରିପାଠୀ ଯୋଗଦେଇ ଏହାର ଶୁଭାରମ୍ଭ କରିଛନ୍ତି। କେନ୍ଦୁଝର ଜିଲାକୁ ରାଜ୍ୟ ତଥା ଦେଶର ଏକ ଅଗ୍ରଣୀ ଜିଲାରେ ପରିଣତ କରିବାକୁ ସମସ୍ତଙ୍କର ସାମୂହିକ ଉଦ୍ୟମ ଆବଶ୍ୟକ ବୋଲିତ୍ରିପାଠୀ କହିଥିଲେ। ଅଲଟରନେଟିଭ ଲର୍ନିଂ ପ୍ରୋଜେକ୍ଟର ଉଦ୍ଦେଶ୍ୟ, ଆଭିମୁଖ୍ୟ ସଂପର୍କରେ କହିବାକୁ ଯାଇ ଜିଲାପାଳ ଆଶିଷ ଠାକ୍‌ରେ କେନ୍ଦୁଝର ଜିଲାର ଶିକ୍ଷା ଭିତ୍ତିଭୂମିର ବିକାଶ, ଛାତ୍ରଛାତ୍ରୀମାନଙ୍କୁ ସ୍କୁଲ ୟୁନିଫର୍ମ ଏବଂ ପାଠ୍ୟ ପୁସ୍ତକ ଯୋଗାଣ, ମଧ୍ୟାହ୍ନଭୋଜନ ବ୍ୟବସ୍ଥା, ବିଦ୍ୟାଳୟ ରୂପାନ୍ତରଣ, ବହୁଭାଷୀ ଶିକ୍ଷାର ପ୍ରସାର ଇତ୍ୟାଦି ପ୍ରସଙ୍ଗ ଉପରେ ଅବତାରଣା କରିଥିଲେ। ଅକ୍ଷରା ଫାଉଣ୍ଡେସନର ଅଧ୍ୟକ୍ଷ ଅଶୋକ କାମାତ୍ ଅଲଟରନେଟିଭ ଲର୍ନିଂ ପ୍ରୋଜେକ୍ଟ ସଂପର୍କରେ ବିଶଦ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଓସେପାର ଯୁଗ୍ମ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ସ୍ୱାଇଁ, ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ, ଭିଭା ଆମେରିକାନର ଏଲ୍‌ଟି ସିଡିଆର୍ କପିଳ ସଙ୍ଗୱାଲ, ରାଜ୍ୟ ଟିମ୍‌ଲିଡର ରଞ୍ଜିତା ପଟ୍ଟନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲା ଟ୍ରାଇବାଲ କୋର୍ଡିନେଟର ଦୁର୍ଗାପ୍ରସାଦ ଲାୟକ, ଟିମ୍‌ଲିଡର ବିକ୍ରମ କେଶରୀ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲାର ସମସ୍ତ ବିଇଓ, ଏବିଇଓ, ସଦର ଓ ବାଂଶପାଳ ବ୍ଲକର ସିଆର୍‌ସିସି ଓ ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଲଡିଂ ବ୍ଲକ ଅଫ୍ ମାଧ୍ୟମରେ ପାଠ ପଢିବା ପାଇଁ ୧୦ ଜଣ ଛାତ୍ରଛାତ୍ରୀଙ୍କୁ ମୋବାଇଲ ବଣ୍ଟନ କରାଯାଇଥିଲା।

# ଔପଦା ଡିଗ୍ରୀ ମହାବିଦ୍ୟାଳୟରେ ରକ୍ତଦାନ ଶିବିର

**ଔପଦା, ୬।୯(ଡି.ଏନ.ଏ.)**

ଔପଦା ବିଜୁ ଜନତା ଦଳ ତରଫରୁ ଓଡ଼ିଶା, ମୋ ପରିବାର ଜୀବନବିନ୍ଦୁ ଆନୁକୂଲ୍ୟରେ ରକ୍ତଦାନ ଶିବିର ସ୍ଥାନୀୟ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଜୁ ଜନତା ଦଳର ୨୫ତମ ବର୍ଷ ପୂର୍ତ୍ତି ଉପଲକ୍ଷେ ଶିବିରକୁ ନୀଳଗିରି ବିଜେଡି ନେତା ସନ୍ତୋଷ ଖଟୁଆ ଉଦ୍‌ଘାଟନ କରିଥିଲେ। ଔପଦା ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଔପଦା ପଞ୍ଚାୟତ ସମିତି ଅଧ୍ୟକ୍ଷା ବିସିବିମ୍ବା ପାତ୍ର, ୧ ନମ୍ବର ଜୋନ ଜିଲା ପରିଷଦ ସଭ୍ୟା ମୁନି ସିଂଙ୍କ ସମେତ ବିଶିଷ୍ଟ ଅତିଥିମାନେ ଯୋଗଦେଇ ରକ୍ତଦାନ ଏକ ମହତଦାନ ସମ୍ପର୍କରେ ସଂକ୍ଷେପରେ କହିଥିଲେ। ଏହି ଅବସରରେ ୧୦୬ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।


ଅତିଥିଙ୍କ ଦ୍ୱାରା ରକ୍ତଦାନ ଶିବିର ଉଦ୍‌ଘାଟନ କରାଯାଉଛି।

# ଲାମ୍ପସ୍ ଆଗରେ ଚାଷୀଙ୍କ ଅନଶନ

**ଠାକୁରମୁଣ୍ଡା,୬।୯(ଡି.ଏନ.ଏ.)**


ଅନଶନରେ ବସିଥିବା ୩ ଚାଷୀ।

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଲାମ୍ପସ୍‌ରେ ୬ମାସ ପୂର୍ବରୁ ଧାନ ବିକ୍ରି କରି କେତେକ ଚାଷୀ ଟଙ୍କା ନ ପାଇବାରୁ ମଙ୍ଗଳବାର ଲାମ୍ପସ୍ ସମ୍ମୁଖରେ ଆମରଣ ଅନଶନରେ ବସି ରହିଛନ୍ତି। ଅନଶନରେ ବସିଥିବା ୩ ଚାଷୀ କେଶଡ଼ିହା ପଞ୍ଚାୟତ ଅଧୀନ ପୁରୁଣାପାଣି ଓ କେଶଡ଼ିହା ଗ୍ରାମର ବୋଲି ଜଣା ପଡ଼ିଛି। ଗତ ମାର୍ଚ୍ଚ ୨୫ ତାରିଖରେ ଟୋକନ ନମ୍ବର ୬୧୫ ଅନୁଯାୟୀ ଚାଷୀ ନାଗବର ସିଂ ଖୁଣ୍ଟିଆ ୨୦ କୁଇଣ୍ଟାଲ ୪୫ କେଜିଏବଂ ସିଲାଇ କାଣ୍ଡିୟାଙ୍ଗ ୪୦ କୁଇଣ୍ଟାଲ ଧାନ ବିକ୍ରି କରି ବିକ୍ରି ଟଙ୍କା ପାଇ ନ ଥିବା ବେଳେ ରାମସିଂ ଜାରିକା ଗତ ଫେବୃଆରୀ ମାସ ୬ ତାରିଖ ଦିନ ଟୋକନ ନଂ. ୪୫୦ ଅନୁଯାୟୀ ୪୫ କୁଇଣ୍ଟାଲ ଧାନ ବିକ୍ରି କରି ସେଥିରୁ ୨୦ କୁଇଣ୍ଟାଲ ଧାନ ବିକ୍ରି ଟଙ୍କା ଲାମ୍ପସରୁ ପାଇଥିବା ବେଳେ ବାକି ୨୫ କୁଇଣ୍ଟାଲ ଧାନର ଟଙ୍କା ଅଦ୍ୟାବଧି ପାଇନାହାନ୍ତି। ଧାନ ବିକ୍ରି ଟଙ୍କା ପାଇବାକୁ ଜିଲାପାଳ ଓ ଏଆରସିଏସଙ୍କୁ ଏହି ଚାଷୀମାନେ ପୂର୍ବରୁ ଲିଖିତ ଦାବି କରିଥିଲେ ମଧ୍ୟ ଟଙ୍କା ନ ପାଇବାରୁ ଧାରଣାରେ ବସି ଥିବା କହିଛନ୍ତି। ଏ ସମ୍ପର୍କରେ ଲାମ୍ପସର ଏମ୍‌ଡି ଦାୟିତ୍ୱରେ ଥିବା ବୈକୁଣ୍ଠ ମହାନ୍ତଙ୍କୁ ପଚାରିବାରୁ ଅନଶନ କରୁଥିବା ଚାଷୀ ଧାନ ବିକ୍ରି କରି ଟଙ୍କା ପାଇ ନାହାଁନ୍ତି। ପୂର୍ବତନ ଏମ୍‌ଡିଙ୍କ ସମୟରେ ଧାନ ବିକ୍ରି ବେଳେ ସେମାନଙ୍କ ଆଇ ସ୍କାନ କରି ନ ଥିବାରୁ ଟଙ୍କା ସେମାନଙ୍କୁ ମିଳିପାରି ନାହିଁ ବୋଲି କହିଛନ୍ତି।

### ଚୋରା କାଠ ବୋଝେଇ ପିକ୍‌ଅପ୍ ଜବତ

କୁଆମରା/ଉଦଳା,(ଡି.ଏନ. ଏ.): କୁଆମରା-ବାଲେଶ୍ୱର ରାସ୍ତାର ଦାଉଁଡିଆ ନିକଟରେ ଚୋରା କାଠ ନେଇ ଯାଉଥିବା ଏକ ପିକ୍‌ଅପ୍ ଭ୍ୟାନ୍‌କୁ ଜବତ କରିଛି ବନ ବିଭାଗ। ଚଢ଼ାଉ ସମୟରେ ପିକ୍‌ଅପ୍ ଭ୍ୟାନର ଡ୍ରାଇଭର ଓ ତାଙ୍କ ସହଯୋଗୀମାନେ ଚତୁରତାର ସହ ରାସ୍ତା ମଝିରେ ଗାଡ଼ି ରଖି ଫେରାର ହୋଇ ଯାଇଥିଲେ। ଜବତ ଗାଡ଼ିରେ ୧୨ଟି ସାଗୁଆନ ଗଣ୍ଡି ଥିବା ଦେଖିବାକୁ ମିଳିଛି। ଯାହାର ମୂଲ୍ୟ ୪୦ ହଜାର ଟଙ୍କା ହେବ ବୋଲି ବନ ବିଭାଗ କହିଛି। ଜବତ ଗାଡ଼ିକୁ ଉଦଳା ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟକୁ ପଠାଯାଇଛି।

## ସଂକ୍ଷେପରେ

### ନଦୀରୁ ଜବତ ଯୁବକଙ୍କ ପରିଚୟ ମିଳିଲା

ଢେଙ୍କିକୋଟ, ୬।୯ (ଡି.ଏନ୍.ଏ): କେନ୍ଦୁଝର ଜିଲା ଘଟଗାଁ ଥାନା ଅନ୍ତର୍ଗତ ଗଦାଧରପୁର ପଞ୍ଚାୟତ ନିକଟସ୍ଥ କୁକୁରକଟା ନଦୀରୁ ସୋମବାର ଜଣେ ଯୁବକଙ୍କ ମୃତଦେହ ଘଟଗାଁ ଥାନା ପୋଲିସ ଜବତ କରିଥିଲା। ମଙ୍ଗଳବାର ଯୁବକଙ୍କ ପରିଚୟ ମିଳିଛି। ସେ ହେଉଛନ୍ତି ଆନ୍ଧ୍ରପ୍ରଦେଶ ରାଜ୍ୟର ଏଲେଶରମ ଗ୍ରାମର ଶଙ୍କରା ଦୁର୍ଗାପ୍ରସାଦ। ଜାତୀୟ ରାଜପଥ ୨୦ ନଂ ଠିକାସଂସ୍ଥା ଏଆରଏସଏସ କମ୍ପାନୀରେ ଯୁବକଜଣଙ୍କ କାମ କରୁଥିଲେ। ଗତ ତିନି ଦିନ ତଳେ ସେ ନିଖୋଜ ହୋଇଯାଇଥିଲେ। ମଙ୍ଗଳବାର ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତାଙ୍କ ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି।

### ନୟନଯୋରିକୁ ଓଲଟିଲା ମାଛ ବୋଝେଇ କଣ୍ଟେନର

ସୋର, ୬।୯(ଡି.ଏନ.ଏ.): ମଙ୍ଗଳବାର ଭୋର ସମୟରେ ସୋର ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥ ଦହିସଡା ଛକ ନିକଟରେ ଭାରସାମ୍ୟ ହରାଇ ଏକ ମାଛ ବୋଝେଇ କଣ୍ଟେନର ଓଲଟି ପଡିବାରୁ ଡ୍ରାଇଭର ଜଣଙ୍କ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ଏହି କଣ୍ଟେନର(ନଂ.ଏପି ୩୧ ଟିବି ୦୭୭୭) କୋଲକାତାରୁ ମାଛ ବୋଝେଇ କରି ବିଶାଖାପାଟଣା ଅଭିମୁଖେ ଯାଉଥିଲା। ଏହି ଛକ ନିକଟରେ ଡ୍ରାଇଭରଙ୍କ ଆଖିରେ ନିଦ ଲାଗିଯିବାରୁ ଭାରସାମ୍ୟ ହରାଇ ନୟନଯୋରିକୁ ଓଲଟି ପଡିଥିଲା। ସୋର ଥାନା ପୋଲିସ ପହଞ୍ଚି ଗାଡିକୁ ଜଗିରହିଥିବା ଦେଖାଯାଇଛି।

### ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ

ସୋର, ୬।୯(ଡି.ଏନ.ଏ.): ସୋର ଥାନା ଅଧୀନ ମହୁମୁହାଣ ପଞ୍ଚାୟତ କାଟୁଣି ଗ୍ରାମର ଭାଗୀରଥି ମଲ୍ଲିକଙ୍କ ବଡ଼ ପୁଅ ମୋହନ (୨୨)ଙ୍କ ଅସ୍ୱାଭାବିକ ମୃତ୍ୟୁ ହୋଇଛି। ସେ ସୋମବାର ରାତିରେ ଘରେ ଖାଇପିଇ ଶୋଇଥିଲେ। ସକାଳେ ଅନେକ ସମୟ ପର୍ଯ୍ୟନ୍ତ ଉଠିବାରେ ବିଳମ୍ବ ହେବାରୁ ପରିବାର ଲୋକେ ତାଙ୍କୁ ଡାକିଥିଲେ। ତାଙ୍କୁ ସଂଜ୍ଞାହୀନ ଅବସ୍ଥାରେ ସୋର ଡାକ୍ତରଖାନାକୁ ଆଣିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋର ପୋଲିସ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ କରିବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ଗୁରୁଦିବସରେ ଛାତ୍ରଙ୍କୁ ମାଡ଼

ସୋର, ୬।୯(ଡି.ଏନ.ଏ): ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ଏକ ପ୍ରାଥମିକ ବିଦ୍ୟାଳୟରେ ଗୁରୁଦିବସରେ ପ୍ରଧାନଶିକ୍ଷକ ଜଣେ ୪ର୍ଥ ଶ୍ରେଣୀ ଛାତ୍ରଙ୍କୁ ମାଡ ମରିଥିବା ଛାତ୍ରଙ୍କ ମା' ଥାନାରେ ଅଭିଯୋଗ କରିଛନ୍ତି। ପ୍ରଧାନ ଶିକ୍ଷକ ଛାତ୍ରଙ୍କ ହାତକୁ ଆଙ୍ଗୁଠିକୁ ଗୋଡ଼ରେ ଦଳିଦେଇଥିବା ଅଭିଯୋଗରେ ଦର୍ଶାଯାଇଛି। ତାଙ୍କ ହାତ ଆଙ୍ଗୁଠ ଫୁଲିଯିବା ସହିତ ଅସହ୍ୟ ଯନ୍ତ୍ରଣା ହୋଇଥିଲା। ତାଙ୍କ ମା' ମମତା ଚାଇଲଡ଼ ଲାଇନକୁ ଜଣାଇବା ପରେ ମଙ୍ଗଳବାର ପୂର୍ବାହ୍ନରେ ଚାଇଲ୍ଡ ଲାଇନ ସଦସ୍ୟ ପଞ୍ଚାନନ ତ୍ରିପାଠୀ ଏବଂ ଚିତ୍ତରଞ୍ଜନ ପଣ୍ଡା ବିଦ୍ୟାଳୟରୁ ଶିଶୁକୁ ଉଦ୍ଧାର କରିଥିଲେ। ଛାତ୍ରଙ୍କ ମା' ସୋର ଡାକ୍ତରଖାନାରେ ଚିକିତ୍ସା କରାଇ ସୋର ଥାନାରେ ଅଭିଯୋଗ କରିଛନ୍ତି।

# ସାଇବର ଠକେଇ ସନ୍ଦେହରେ ୩ ଅଟକ

## କାର୍, କମ୍ପ୍ୟୁଟର, ଇନ୍‌ଭର୍ଟର ଓ ପ୍ରିଣ୍ଟର ଜବତ

ବାରିପଦା ଅଫିସ, ୬।୯

ମୟୂରଭଞ୍ଜ ଜିଲା ବଡସାହି ଥାନା ଅନ୍ତର୍ଗତ ନାଉପାଳ ପଞ୍ଚାୟତ କାର୍ଯ୍ୟାଳୟ ଛକ ନିକଟରୁ ଅନଲାଇନ ଠକେଇ କରୁଥିବା ସନ୍ଦେହରେ ପୋଲିସ ୩ ଜଣ ଯୁବକଙ୍କୁ ଅଟକ ରଖିଛି। ସେମାନଙ୍କ ଠାରୁ ଏକ ମାରୁତି ଇକୋ ଭ୍ୟାନ (ଓଡି ୧୧ୱାଇ ୨୨୫୯), ଇନଭର୍ଟର, କମ୍ପ୍ୟୁଟର, ପ୍ରିଣ୍ଟର, ଫିଙ୍ଗର ପ୍ରିଣ୍ଟ ସ୍କାନର ପୋଲିସ ଜବତ କରିଛି। ଯୁବକ ତିନି ଜଣ ହେଲେ କୁଳିଅଣା ଥାନା ଅଞ୍ଚଳର ବିକର୍ତନ ସାମଲ(୩୦), ରାଉରକେଲା ବେଦବ୍ୟାସ ଅଞ୍ଚଳର ଅଭିଜିତ ଲେଙ୍କା(୧୮) ଓ କପ୍ତିପଦା ଥାନା ପୋଡାଡିହା ଅଞ୍ଚଳର ଈଶ୍ୱର ଚନ୍ଦ୍ର ବେହେରା(୨୨)।

ପ୍ରକାଶ ଯେ, ଯୁବକ ତିନିଜଣ ଉକ୍ତ ଗାଡିରେ ସକାଳ ୮ଟାରେ ନାଉପାଳ ପଞ୍ଚାୟତ ଅସ୍ତଝରଣ ଗ୍ରାମରେ ପହଁଚି କିଛି ଲୋକଙ୍କୁ ଡାକି ଆଧାର କାର୍ଡ ଲିଙ୍କ୍, ଭତ୍ତା ଅନଲାଇନ, କାଳିଆ ଯୋଜନାରେ ସାମିଲ, ପ୍ରଧାନମନ୍ତ୍ରୀ ଆବାସ, ରେସନକାର୍ଡ ଖୋଲିବା କାର୍ଯ୍ୟ ଅନ୍‌ଲାଇନ ମାଧ୍ୟମରେ କରିଦେବେ ବୋଲି କହିଥିଲେ। ଯୁବକମାନଙ୍କ କଥାରେ ସନ୍ଦେହ ହେବାରୁ ଗ୍ରାମବାସୀ ଫୋନ ଯୋଗେ ସରପଞ୍ଚ ଓ ସମିତିସଭ୍ୟଙ୍କୁ ଜଣାଇଥିଲେ। ସେମାନେ ଆସି ପହଞ୍ଚିଲା ବେଳକୁ ଯୁବକ ତିନିଜଣ ଉକ୍ତ ସ୍ଥାନ ଛାଡ଼ି ପଳାଇ ଆସିଥିବା ବେଳେ ନାଉପାଳ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ସେମାନଙ୍କୁ ଅଟକାଇ ପଚାରି ବୁଝିଥିଲେ। ଯୁବକମାନଙ୍କ କଥାରେ ସନ୍ତୋଷଜନକ ଉତ୍ତର ନ ପାଇବାରୁ ସମିତି ସଭ୍ୟ ରୋହିଦାସ ସିଂ ବଡ଼ସାହି ଥାନାକୁ ଖବର ଦେବା ସହିତ ଲିଖିତ ଅଭିଯୋଗ ମଧ୍ୟ କରିଥିଲେ। ବଡସାହି ଥାନାଧିକାରୀ ପ୍ରଭୁକଲ୍ୟାଣ ଆଚାର୍ଯ୍ୟ ଜିଲା ଆରକ୍ଷୀ ଅଧିକ୍ଷକଙ୍କ ନଜରକୁ ଆଣିବା ପରେ ବାରିପଦାରୁ ସାଇବର ପୁଲିସ ଆସି ତଦନ୍ତ କରିଥିବା ଜଣାପଡିଛି। ସେମାନଙ୍କ ମଧ୍ୟରୁ ବିକର୍ତନ ସାମଲ ନିଜର ଅନଲାଇନ ସେବା କେନ୍ଦ୍ର ଥିବାବେଳେ ଘରକୁ ବୁଲିବା ପାଇଁ ଆସିଥିବା ଦୁଇ ଭଣଜାଙ୍କୁ ସାଙ୍ଗରେ ନେଇ ଗାଁ ଗାଁରେ ଅନଲାଇନ ସେବା ଯୋଗାଇ ଦେବା ପାଇଁ ଆସିଥିଲେ ବୋଲି କହିଛନ୍ତି। ସାଇବର ପୋଲିସ ପକ୍ଷରୁ ତଦନ୍ତ କରାଯାଇ ପ୍ରକୃତ ଘଟଣା ଜଣାପଡିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନାଧିକାରୀ ଆଚାର୍ଯ୍ୟ ପ୍ରକାଶ କରିଛନ୍ତି।

# ଟ୍ରେନ ଆଗକୁ ଡେଇଁ ଦଶମ ଶ୍ରେଣୀ ଛାତ୍ରଙ୍କ ଆତ୍ମହତ୍ୟା

## ବିଦ୍ୟାଳୟରେ ନିର୍ଯାତନା ଅଭିଯୋଗ

ବାଲେଶ୍ୱର ଅଫିସ, ୬।୯

ବିଦ୍ୟାଳୟରେ ନିର୍ଯାତନା ସହି ନ ପାରି ଜଣେ ଦଶମ ଶ୍ରେଣୀ ଛାତ୍ର ଆତ୍ମହତ୍ୟା କରିବା ଘଟଣା ବାଲେଶ୍ୱରରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏନେଇ ତାଙ୍କ ପରିବାର ଲୋକେ ସ୍କୁଲ କର୍ତ୍ତୃପକ୍ଷଙ୍କ ନାମରେ ଏତଲା ଦେବା ସହ ଛାତ୍ରଙ୍କ ମୃତଦେହ ଧରି ସ୍କୁଲ ଆଗରେ ଧାରଣାରେ ବସିଛନ୍ତି।

ସୁନ୍ଦରଗଡ଼ ଜିଲା ଲାଠିକଟା ଅଞ୍ଚଳର ସନ୍ତୋଷ କୁମାର ଗୁପ୍ତା ବାଲେଶ୍ୱର ସହରର ଭୋଇସାହି ଅଞ୍ଚଳରେ ପୁଅର ପାଠପଢ଼ା ପାଇଁ ଘରଭଡା ନେଇ ରହୁଥିଲେ। ପୁଅ ସୁରଜ ଭୋଇସାହିରେ ଥିବା ସିଦ୍ଧି ବିନାୟକ ପବ୍ଲିକ ସ୍କୁଲରେ ଦଶମ ଶ୍ରେଣୀରେ ପଢୁଥିଲେ। ଗତ ୧ ତାରିଖରେ ପୁଅ ସ୍କୁଲରୁ ଘରକୁ ଫେରିବା ବେଳେ ତାଙ୍କ ବେକରେ ଏକ କଟା ଦାଗ ରହିଥିବା ପରିବାର ଲୋକେ ଦେଖିବାକୁ ପାଇଥିଲେ। ଘରେ ଅଭିଭାବକ ପଚାରିବାରୁ ଜଣେ ଶ୍ରେଣୀ ପିଲା ସୁରଜଙ୍କୁ କାଠଫଳିଆରେ ମାଡ଼ ମାରିଥିବା ପ୍ରକାଶ କରିଥିଲେ। ପରଦିନ ଅର୍ଥାତ ୨ତାରିଖରେ ସୁରଜଙ୍କ ବାପା ସ୍କୁଲ କର୍ତ୍ତୃପକ୍ଷଙ୍କ ପାଖରେ ଘଟଣା ସମ୍ପର୍କରେ କହିଥିଲେ ମଧ୍ୟ ଏଥିପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବା ଅଭିଯୋଗରେ ଦର୍ଶାଯାଇଛି। ଏହି ଘଟଣାକୁ ନେଇ ସ୍କୁଲର ଜଣେ ଶିକ୍ଷକ ସୁରଜଙ୍କୁ ତାଗିଦ୍ କରିବା ସହ ମାନସିକ ଭାବେ ନିର୍ଯାତନା ଦେଇଥିବା ବାପା ସନ୍ତୋଷ ଏତଲାରେ ଉଲ୍ଲେଖ କରିଛନ୍ତି। ଶିକ୍ଷକଙ୍କ ଏଭଳି ନିର୍ଯାତନା ସହି ନ ପାରି ସୁରଜ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।

# ଦୁର୍ଘଟଣାରେ ମୃତକଙ୍କ ପରିବାରକୁ ମିଳିଲା କ୍ଷତିପୂରଣ



ଖବରଦାତା ସମ୍ମିଳନୀ।

ଭଦ୍ରକ ଅଫିସ, ୬।୯

୨୦୨୦ ଜାନୁୟାରୀ ୨ରେ ଧାମନଗରରେ ଉର୍ସ ପର୍ବ ସାରି ଘରକୁ ଫେରୁଥିବା ବେଳେ ଭଦ୍ରକ ବନ୍ତ ଛକ ପୋଲ ଉପରେ ହୋଇଥିବା ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ମୃତକଙ୍କ ପରିବାରକୁ ଦୀର୍ଘ ଅଢ଼େଇ ବର୍ଷ ପରେ କ୍ଷତିପୂରଣ ବାବଦକୁ ୨ଲକ୍ଷ ଟଙ୍କା ମିଳିଛି। ଏନେଇ ମଙ୍ଗଳବାର ଅପରାହ୍ନରେ ଭଦ୍ରକ ପୌରପାଳିକାର ୧୨ ନଂ. ୱାର୍ଡ଼ର କାଉନସିଲର ହେମନ୍ତ ସାହୁଙ୍କ ଦ୍ୱାରା ଆହୂତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

ଏହି ଦୁର୍ଘଟଣାରେ ପୁରୁଣାବଜାର ମିର୍ଜାପୁରର ଶେଖ ନିଜାମୁଦ୍ଦିନଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ପ୍ରଶାସନିକ ଅଧିକାରୀ ଓ ଭଦ୍ରକ ବିଧାୟକ ପହଞ୍ଚି ମୃତକଙ୍କ ପରିବାରକୁ ୨ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଘୋଷଣା କରିଥିଲେ। କିନ୍ତୁ ମୃତକଙ୍କ ସ୍ତ୍ରୀ ତାଜା ବିବି କ୍ଷତିପୂରଣ ଟଙ୍କା ପାଇବା ପାଇଁ ବାରମ୍ବାର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ହତାଶ ହୋଇଥିଲେ। ସ୍ୱାମୀଙ୍କ ମୃତ୍ୟୁ ପରେ ୩ ଝିଅଙ୍କୁ ନେଇ ବହୁ କଷ୍ଟରେ ପରିବାର ଚଳାଉଥିଲେ। ତାଜା ବିବିଙ୍କ ବାପଘର ୧୨ ନଂ. ୱାର୍ଡ଼ ବଙ୍କସାହିରେ ହୋଇଥିବାରୁ କାଉନସିଲର ହେମନ୍ତ ସାହୁ ତାଜା ବିବିଙ୍କ ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ପୂର୍ବତନ ଜିଲାପାଳ ତ୍ରିଲୋଚନ ମାଝି ଘଟଣା ବିଷୟରେ ଅବଗତ ହେବା ପରେ କ୍ଷତିପୂରଣ ରାଶି ମଞ୍ଜୁର କରିଥିଲେ। ଗଣମାଧ୍ୟମରେ ଏହି ଘଟଣାକୁ ବାରମ୍ବାର ପ୍ରଚାର, ପ୍ରସାର ପରେ ଏବେ ଉକ୍ତ କ୍ଷତିପୂରଣ ରାଶି ମିଳିଥିବାରୁ ଜିଲା ପ୍ରଶାସନ ଓ ଜିଲାର ଖବରଦାତାମାନଙ୍କୁ ଏହି ସମ୍ମିଳନୀରେ କୃତଜ୍ଞତା ଜଣାଇଥିଲେ। ସମ୍ମିଳନୀରେ ପୌରାଧକ୍ଷା ଗୁଲମକ୍ସୀ ହବିବ, ପୂର୍ବତନ କାଉନସିଲର ଆୟୁବ ଖାନ୍, ୨୪ ନଂ. କାଉନସିଲର ଜାହିର ସାହା ଓ ଶବର ଅଲ୍ଲୀ ଖାନ୍ ପ୍ରମୁଖ ଉପସ୍ଥିତ ଥିଲେ।

# କରମ ପର୍ବ ଲାଗି ଚିତ୍ରଡ଼ା ଉତ୍ସବମୁଖର

ମୋରଡା,୬।୯(ଡି.ଏନ.ଏ)

ନାଚ ଗୀତର ମାହୋଲ ସହ ମାଦଳ ଓ ଧୁମସାରେ ଗାଁ ଉଠୁଛି ପଡୁଛି। କେଉଁଠି କରମ ଗୀତ ତ କେଉଁଠି ଠାକୁରଙ୍କ ଗପ। ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକର ପୁରପଲ୍ଲୀରେ କରମ ପରବ ପାଳନ ଚାଲିଛି। କୁଡୁମୀ ସମ୍ପ୍ରଦାୟ ଏକାଠି ହୋଇ ଚିତ୍ରଡ଼ାର ଶ୍ରୀ ଜଗନ୍ନାଥ ମନ୍ଦିର ଓ କାକୁଡିହା ପଡ଼ିଆ ପରିସରରେ କରମ ପୂଜା କରିଛନ୍ତି। ସମଗ୍ର ଅଞ୍ଚଳ ଉତ୍ସବମୁଖର ହୋଇ ପଡ଼ିଛି। ଚିତ୍ରଡ଼ା ମାର୍କେଟ ସାହି, ତଳସାହି, ଡୁମୁରଡିହା ଓ ବ୍ଲକର ପ୍ରାୟ ୩୦ରୁ ଅଧିକ ସ୍ଥାନରେ କରମ ପୂଜା ପାଳନ କରାଯାଉଥିବା ଦେଖିବାକୁ ମିଳିଛି।

# ଗଣେଶ ଭସାଣି ଉତ୍ସବ



ଢେଙ୍କିକୋଟ, ୬।୯ (ଡି.ଏନ.ଏ)

କେନ୍ଦୁଝର ଜିଲା ଢେଙ୍କିକୋଟ ଠାରେ ମଙ୍ଗଳବାର ଗଣେଶଙ୍କ ଭସାଣି ଉତ୍ସବ ପାଳିତ ହୋଇଯାଇଛି। ବହୁ ପୁରାତନ ପୂଜା ମଣ୍ଡପ ମା ତାରିଣୀ କ୍ଲବ, ଜନ ମଙ୍ଗଳ ଯୁବକ ସଂଘ, ବିନ୍ଦାସ କ୍ଲବ ଓ ଦିଲଦାର କ୍ଲବରେ ସୁଉଚ୍ଚ ମେଢ଼ ସାଙ୍ଗକୁ ବୃହତକାୟ ମୂର୍ତ୍ତି ପୂଜା ପାଉଥିଲେ। ମଙ୍ଗଳବାର ଅପରାହ୍ନରେ ଭସାଣି ଉତ୍ସବ ଆରମ୍ଭ ହୋଇଥିଲା। ବଜାର, ସାହି, ବସ୍ତିରେ ମେଢ଼ ପରିକ୍ରମା ବେଳେ ଦର୍ଶକମାନେ ନୁଟା ନାଚର ମଜା ନେଇଥିଲେ। ଶୁକ୍ରବାର ବିନ୍ଦାସ କ୍ଲବର ଭସାଣି ଉତ୍ସବ ହେବ ବୋଲି କ୍ଲବ ସଭାପତି ସିଲୁ ମିଶ୍ର କହିଛନ୍ତି।

# ଚିତ୍ରାଙ୍କନ ପ୍ରତିଯୋଗିତାରେ ୫୦ ପ୍ରତିଯୋଗୀ

ବନ୍ତ,୬।୯(ଡି.ଏନ୍.ଏ.)

ଭଦ୍ରକ ଜିଲା ବନ୍ତ ବ୍ଲକ ଟିଲୋ ୫-ଟି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆଜାଦୀ କା ଅମୃତ ମହୋତ୍ସବ ଉପଲକ୍ଷେ ଶହୀଦ ସ୍ମୃତି ତୀର୍ଥ ଇରମ ଶୀର୍ଷକ ବ୍ଲକସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବିଦ୍ୟାଳୟର ୧ମରୁ ୧୦ମ ଶ୍ରେଣୀର ୫୦ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଭାଗ ନେଇଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ପ୍ରଧାନ ଶିକ୍ଷକ ନାରାୟଣ ଚନ୍ଦ୍ର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସଭାରେ ମୁଖ୍ୟ ଅତିଥି ସଂଗ୍ରାମ କେଶରୀ ଜେନା, ମୁଖ୍ୟ ବକ୍ତା ଏବିଇଓ ହରେକୃଷ୍ଣ ଆପଟ, ସମ୍ମାନୀତ ଅତିଥି ଏସ୍.ଏମ୍.ସିର ଅଧକ୍ଷା ସତ୍ୟଭାମା ସାହୁ, ସିଆରସିସି ସୁକାନ୍ତ କୁମାର ବେହେରା, ବସୁନ୍ଧରା ଜେନା, ସାଗରିକା ପୁହାଣ, ନିଳିମା ମଞ୍ଜରୀ ରାଉତ, କମଳାକାନ୍ତ ନାୟକ, ବାସନ୍ତୀଲତା ଜେନା, ମୌନାବତୀ ସାମଲ, ଅଲିଭା ପଣ୍ଡା, ଗୌରୀବାଳା ପାତ୍ର, ସୁମିତ୍ରା ବେହେରା ଉପସ୍ଥିତ ଥିଲେ।

# ହରିଶଙ୍କର ସଭାପତି, ଗୌତମ ସମ୍ପାଦକ



ଚୟନ ହୋଇଥିବା ନୂତନ କର୍ମକର୍ତ୍ତା।

## ବାର୍ ଆସୋସିଏଶନର ନୂତନ କର୍ମକର୍ତ୍ତା

ରୂପସା, ୬।୯(ଡି.ଏନ.ଏ.)

ବାଲେଶ୍ୱର ଜିଲା ଅଧୀନ ବସ୍ତା ବାର ଆସୋସିଏଶନର ନୂତନ କର୍ମକର୍ତ୍ତା ମଙ୍ଗଳବାର ଚୟନ କରାଯାଇଛି। ଏନେଇ ଏକ ଜରୁରୀକାଳୀନ ବୈଠକ ଆହ୍ୱାନ କରାଯାଇ ବସ୍ତା ଅଣପଞ୍ଜିକୃତ ବାର୍ ନିମନ୍ତେ ସର୍ବସମ୍ମତିକ୍ରମେ କର୍ମକର୍ତ୍ତା ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ପୁଣିଥରେ ନୂତନ ସଭାପତି ଭାବେ ଆଇନଜୀବୀ ହରିଶଙ୍କର ଜେନା ଓ ସମ୍ପାଦକ ଭାବେ ଆଇନଜୀବୀ ଗୌତମ ମହାନ୍ତି, ଉପସଭାପତି ଭାବେ ପ୍ରଶାନ୍ତ କୁମାର ପଟାୟତ, ସହ ସମ୍ପାଦକ ଭାବେ ଭବାନୀ ଶଙ୍କର ମଣ୍ଡଳ, କୋଷାଧକ୍ଷ ଭାବେ ପ୍ରଭାତ କୁମାର ଘୋଷ, ଉପଦେଷ୍ଟା ଭାବେ ସୁବ୍ରତ କୁମାର ପଣ୍ଡା, ଗୌରହରି ବେହେରା, ଅର୍ଜୁନ ଚରଣ ଜେନା, ପ୍ରଣବ ରଞ୍ଜନ ମିଶ୍ର, ଜିତେନ୍ଦ୍ର ଉପାଧ୍ୟାୟ ଓ ଜିବାନନ୍ଦ ମଲ୍ଲିକ ପ୍ରମୁଖ ମନୋନୀତ ହୋଇଥିଲେ। ସମସ୍ତଙ୍କ ଉପସ୍ଥିତିରେ ବାର ଆସୋସିଏଶନର ସଭାପତି ହରିଶଙ୍କର ଜେନା ଓ ସମ୍ପାଦକ ଗୌତମ ମହାନ୍ତି ଦାୟିତ୍ୱ ଗ୍ରହଣ କରିଥିଲେ। ବାର୍ ଅନ୍ୟ ସଦସ୍ୟ ଚନ୍ଦ୍ରକାନ୍ତ ବିଶ୍ୱାଳ, ବିପ୍ଳବ କୁମାର ତ୍ରିପାଠୀ, ତପନ ପାତ୍ର, ଦିପେଶ ପାଲ, ପ୍ରସନ୍ନ ଜେନା, ଅରୂପାନନ୍ଦ ସାହୁ, ସରୋଜ ଜେନା ପ୍ରମୁଖ ଉପସ୍ଥିତ ରହି ନୂତନ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ।

# ବ୍ଲକସ୍ତରୀୟ ଶିକ୍ଷକ ମହାସମାବେଶ



ଉତ୍ସବରେ ଉପସ୍ଥିତ ଅତିଥି।

ଚାନ୍ଦବାଲି, ୬।୯(ଡି.ଏନ.ଏ.)

ଚାନ୍ଦବାଲି ବ୍ଲକ ଶିକ୍ଷକ ସମନ୍ୱୟ ସମିତି ପକ୍ଷରୁ ଗୁରୁ ଦିବସ ଅବସରରେ ବିଜୁ ସ୍ମୃତି ଭବନରେ ଏକ ବ୍ଲକସ୍ତରୀୟ ଶିକ୍ଷକ ମହାସମାବେଶ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ସମନ୍ୱୟ ସମିତିର ସଭାପତି ପ୍ରଫୁଲ୍ଲ ଦାସଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ତହସିଲଦାର ସୁଶାନ୍ତ ସୁତାର, ମୁଖ୍ୟବକ୍ତା ବିଡିଓ ଜ୍ୟୋତି ବିକାଶ ଦାସ, ବରେଣ୍ୟ ଅତିଥି ଏନ୍ଏସ୍‌ସି ଅଧକ୍ଷା ଶାନ୍ତିଲତା ସେଠୀ, ପଞ୍ଚାୟତ ସମିତି ଅଧକ୍ଷା ମିନତୀଲତା ସୁତାର ପ୍ରମୁଖ ଯୋଗଦେଇ ଗୁରୁ ଓ ଶିଷ୍ୟ ପରମ୍ପରା ଉପରେ ଆଲୋଚନା କରିଥିଲେ। ଶିକ୍ଷକ ସମିତି ପକ୍ଷରୁ ୧୮ ଜଣ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଗୁରୁ ଗୌରବ ସମ୍ମାନ,୧୬ ଜଣ ଶିକ୍ଷାର୍ଥୀଙ୍କୁ ବିଦ୍ୟାର୍ଥୀ ଗୌରବ ସମ୍ମାନ ପ୍ରଦାନ କରାଯାଇ ମାନପତ୍ର ଓ ଉପଢୌକନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ଚାନ୍ଦବାଲି ବ୍ଲକ ପରିଷଦ ପକ୍ଷରୁ ଗୁରୁ ବନ୍ଦନା, ଶିକ୍ଷକ ଅନୁପ ଦାସ ଅତିଥି ପରିଚୟ, କେଦାରନାଥ ରାଉଳ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶିକ୍ଷକ ପ୍ରକାଶ ନାୟକ, ଦେବବ୍ରତ ରାଉତ, ନିକୁଞ୍ଜ କର, ସୁଦର୍ଶନ ସ୍ୱାଇଁ, ସୁଶାନ୍ତ ମଲ୍ଲିକ, ଅଶୋକ ଦାସ, ଶିବ ବ୍ରତ ରାଉତ, ତପନ ସାହୁ, ଆମର ନାୟକ ପ୍ରମୁଖ ସହଯୋଗ କରିଥିବା ବେଳେ ଶିକ୍ଷକ ବଳରାମ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଭାଜପା ମହିଳା ମୋର୍ଚ୍ଚାର ବିକ୍ଷୋଭ

ନୀଳଗିରି, ୬।୯(ସ୍ୱ.ପ୍ର.)

ନୀଳଗିରି ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଶତାଧିକ ମହିଳା ସ୍ଥାନୀୟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରୁ ଏକ ଶୋଭାଯାତ୍ରାରେ ବାହାରି ବିଜେଡି ଶାସନରେ ମହିଳାମାନେ ସୁରକ୍ଷିତ ନୁହନ୍ତି ବୋଲି ସ୍ଲୋଗାନ ଦେଇଥିଲେ। ଜିଲା ଭାଜପା ମହିଳା ସଭାନେତ୍ରୀ ମନୀଷା ଚିନ୍ମୟୀ ବେହେରାଙ୍କ ନେତୃତ୍ୱରେ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ରାଲି ଆୟୋଜନ କରାଯାଇଥିଲା। ଏନସିଆର୍‌ବି ରିପୋର୍ଟ ଅନୁଯାୟୀ ରାଜ୍ୟ ସରକାର ମହିଳା ବିରୋଧୀ ବୋଲି ରିପୋର୍ଟ ପ୍ରକାଶ ପାଇଥିବା ବେଳେ ରାଜ୍ୟ ସରକାରଙ୍କ ୨୩ବର୍ଷର ଶାସନରେ ମା', ଭଉଣୀମାନେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ରାଜ୍ୟରେ ମହିଳା ବିରୋଧୀ ହିଂସା, ଅପହରଣ, ଯୌନ ନିର୍ଯାତନା, ବଳାତ୍କାର, ସାଇବର କ୍ରାଇମ ବୃଦ୍ଧି ପାଇବା ଅତ୍ୟନ୍ତ ଚିନ୍ତାଜନକ ବିଷୟ ପାଲଟିଛି ଯାହା ଏନ୍‌ସିଆର୍‌ବି ରିପୋର୍ଟରେ ପ୍ରକାଶ ପାଇଛି। ମହିଳାଙ୍କୁ ସୁରକ୍ଷା ଦେବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ୨ ନଂ. ଜିଲା ପରିଷଦ ସଭ୍ୟା ଊଷାରାଣୀ ରାଉଳ, ବାଲେଶ୍ୱର ମହିଳା ମୋର୍ଚ୍ଚା ସୋସିଆଲ କୋଡ଼ିନେଟର ସୁଇଟ୍ ବାରିକ, ଜିଲା ଭାଜପା ଉପସଭାପତି ଗଙ୍ଗାଧର ମିଶ୍ର, କରୁଣାକର ପଣ୍ଡା, ନିବେଦିତା ଦାସ, ସ୍ୱର୍ଣ୍ଣଚୂଡ଼ ମନ୍ଦିର ସଭାପତି ତାପସ ମହାନ୍ତି, ସ୍ୱର୍ଣ୍ଣଚୂଡ଼ ମହିଳା ସଭାନେତ୍ରୀ ଜୟନ୍ତୀ ବେହେରା, ଦାଣ୍ଡକାଳୀ ମଣ୍ଡଳ ସଭାନେତ୍ରୀ ରୀନାରାଣୀ ବୁଗୁଡ଼ାଇ ସମେତ ଶତାଧିକ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ଥିଲେ।



ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ବାହାରିଥିବା ବିକ୍ଷୋଭ ଶୋଭାଯାତ୍ରା।

# ଗୁରୁ ଶିଷ୍ୟ ବନ୍ଧନ ଅତୁଟ

ଭଦ୍ରକ ଅଫିସ, ୬।୯

ଓଡ଼ିଶା ତେଜସ୍ୱିନୀ ମହିଳା ସଙ୍ଗଠନ ଓ ସ୍ୱରାଜ ବାର୍ତ୍ତା ପକ୍ଷରୁ ଜିଲା ସଂସ୍କୃତି ଭବନ ଠାରେ ଗୁରୁ ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ନିହାର ରଞ୍ଜନ କରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ର, ବିଶିଷ୍ଟ ଅତିଥି ଭାବେ ଶିକ୍ଷାବିତ ଲକ୍ଷ୍ମୀଧର ରାଉତ, ମୁଖ୍ୟବକ୍ତା ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ସଭାନେତ୍ରୀ କଳ୍ପନା ଜେନା, ସମ୍ପାଦିକା ଅଞ୍ଜନା ମିଶ୍ର ଯୋଗଦେଇ ଗୁରୁ ଶିଷ୍ୟ ବନ୍ଧନ ଅତୁଟ ରହିଥାଏ ବୋଲି କହିଥିଲେ। ରବି ନାରାୟଣ ଖିଲାର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଶିକ୍ଷକ ବୈକୁଣ୍ଠ ବିଶ୍ୱାଳ ଅତିଥି ପରିଚୟ, ଶିକ୍ଷକ ପ୍ରଭାକର ପରିଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମହିଳା ସଙ୍ଗଠନର ଉପଦେଷ୍ଟା ପ୍ରଧାନଶିକ୍ଷୟିତ୍ରୀ ଜାନକୀ ପାଢ଼ୀ, ଉପସଭାପତି ଶିକ୍ଷୟିତ୍ରୀ ମନୋରମା ରାୟ, ଉପସଭାପତି ଚୈତାଳି ଖିଲାର, ଆବାହକ ରେଣୁବାଳା ଖିଲାର, ସହସମ୍ପାଦିକା ସୁଜାତା ସାହୁ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଖବରଦାତା ସନ୍ତୋଷ ଦାସ, ଉପଦେଷ୍ଟା କୃଷ୍ଣଚନ୍ଦ୍ର ବେହେରା, ଅଭୟ ସାହୁ, ତୁଷାରକାନ୍ତ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କ୍ଷୟକ୍ଷତି ରିପୋର୍ଟ ଜିଲା ପ୍ରଶାସନକୁ ହସ୍ତାନ୍ତର

## ଜଳେଶ୍ୱର ବ୍ଲକ
## ସୁବର୍ଣ୍ଣରେଖା ବନ୍ୟା

ଜଳେଶ୍ୱର, ୬।୯(ଡି.ଏନ.ଏ.)

ସୁବର୍ଣ୍ଣରେଖା ବନ୍ୟା କ୍ଷୟକ୍ଷତିର ସମ୍ପୂର୍ଣ୍ଣ ରିପୋର୍ଟ ଜିଲା ପ୍ରଶାସନକୁ ହସ୍ତାନ୍ତର ହୋଇଛି। ଏଥିରେ ଆପଦକାଳୀନ ସହାୟତା ଲାଗି ୨୦ କୋଟି ଟଙ୍କା ମଗାଯାଇଥିବା ପ୍ରାଥମିକ ସ୍ତରରେ ଜଣାଯାଇଛି।

ବର୍ଷା ଓ ବନ୍ୟା ଯୋଗୁ କ୍ଷୟକ୍ଷତି ରିପୋର୍ଟ ବ୍ଲକ ପ୍ରଶାସନ ପକ୍ଷରୁ ଜିଲା ପ୍ରଶାସନକୁ ପ୍ରଦାନ କରାଯାଇଛି। ବ୍ୟାପକ କ୍ଷତି ଘଟିଥିଲେ ମଧ୍ୟ ଜରୁରୀ ପରିସ୍ଥିତିରେ ଆର୍ଥିକ ସହାୟତା ଯୋଗାଇବାକୁ ବିଭିନ୍ନ ବିଭାଗ ପକ୍ଷରୁ ଜିଲାପାଳଙ୍କୁ ଦର୍ଶାଯାଇଛି। ଜଳେଶ୍ୱର ବ୍ଲକ ଅଧୀନରେ ମୋଟ ୧୮୯ଟି ରାସ୍ତା ବନ୍ୟାରେ କ୍ଷତି ଘଟିଛି। ଏଥିପାଇଁ ୫କୋଟି ୬୯ଲକ୍ଷ ଟଙ୍କା ଯୋଗାଇ ଦେବାକୁ ଦର୍ଶାଯାଇଛି। ଏବେ ବି ବହୁ ଅଞ୍ଚଳର ଲୋକେ ପାଣି କାଦୁଅରେ ଯାତାୟାତ କରୁଥିବାରୁ ଏହି ଅର୍ଥ ତୁରନ୍ତ ମଞ୍ଜୁର କରିବାକୁ କୁହାଯାଇଛି। କୃଷି ବିଭାଗ ପକ୍ଷରୁ ୧୨୪୦ ହେକ୍ଟର ଜମିର ଧାନଚାଷ ନଷ୍ଟ ହୋଇଥିବା ଦର୍ଶାଇ ସେମାନଙ୍କୁ ବିଭିନ୍ନ ଆପଦ କାଳୀନ ସହାୟତା ଲାଗି ୮୪ଲକ୍ଷ ୩୨ହଜାର ଟଙ୍କା ଯୋଗାଇବାକୁ କୁହାଯାଇଛି। ସେହିପରି ଉଦ୍ୟାନ ବିଭାଗକୁ ୨୦ଲକ୍ଷ ଟଙ୍କାର ଇନପୁଟ ସହାୟତା ମଗାଯାଇଛି। ବ୍ଲକ ସ୍ତରୀୟ ୩୦ଟି ପୋଖରୀରେ ମାଛଚାଷ ହେଉଥିବାରୁ ସେମାନଙ୍କ ପୋଖରୀ ମରାମତି ଲାଗି ୪୦ହଜାର ଟଙ୍କା ସହାୟତା ଲାଗି ଦର୍ଶାଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗର ଜଳେଶ୍ୱର ବ୍ଲକରେ ୨୩ଟି ରାସ୍ତା ୧୭ କି.ମି., ଭୋଗରାଇ ବ୍ଲକର ୩୫ଟି ରାସ୍ତାର ୩୫.୫ କି.ମି. ଓ ବାଲିଆପାଳ ବ୍ଲକର ୨୦ଟି ରାସ୍ତାର ୩୫ କି.ମି. କ୍ଷୟକ୍ଷତି ଘଟିଛି। ଏଥିଲାଗି ୨କୋଟି ଟଙ୍କା ଜରୁରୀ ଭାବେ ଯୋଗାଇବାକୁ କୁହାଯାଇଥିବା ବେଳେ ପ୍ରକୃତ ମରାମତି ଲାଗି ୭ କୋଟି ଟଙ୍କା ଆବଶ୍ୟକ ବୋଲି ଦର୍ଶାଯାଇଛି। ସେହି ବିଭାଗ ଅଧୀନରେ ଜଳେଶ୍ୱରର ୧୩ଟି ପୋଲ, ଭୋଗରାଇର ୨୨ଟି ପୋଲ ଓ ବାଲିଆପାଳର ୪ଟି ପୋଲ ମରାମତି ଲାଗି ୪୭ଲକ୍ଷ ଟଙ୍କା ଏବଂ ସମ୍ପୂର୍ଣ୍ଣ ମରାମତି ଲାଗି ୩କୋଟି ୭୮ଲକ୍ଷ ଟଙ୍କା ଆବଶ୍ୟକ ବୋଲି କ୍ଷୟକ୍ଷତି ରିପୋର୍ଟରେ ଦର୍ଶାଯାଇଛି। ବର୍ଷା ଓ ବନ୍ୟାରେ ୮ଟି ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ବେଳେ ୨୩୦ ଘର ଊଣାଅଧିକେ କ୍ଷତି ହୋଇଥିବାରୁ ଏଥିଲାଗି ୧୫ଲକ୍ଷ ଟଙ୍କା ସହାୟତା ମଗାଯାଇଛି। ପୂର୍ତ୍ତ ବିଭାଗକୁ ୨୫ଲକ୍ଷ ଟଙ୍କା ରାସ୍ତା ମରାମତି ଲାଗି ମଗାଯାଇଥିବା ବେଳେ ଜଳ ସମ୍ପଦ ବିଭାଗ ଏହାର ବିଷଦ ବିବରଣୀ ପ୍ରଦାନ କରିପାରି ନ ଥିବା ଜଣାଯାଇଛି। କିନ୍ତୁ ଜଳ ସମ୍ପଦ ବିଭାଗର ବିଭିନ୍ନ ସ୍ଥାନରେ ସ୍ପରଗୁଡିକର ନାକ ଭାଙ୍ଗିବା, ବାଲି ବସ୍ତା ପକାଯିବା, କେତେକ ସ୍ଥାନରେ ଅତଡା ଖସିଥିବା ଦେଖିବାକୁ ମିଳିଛି। ଏହି ବନ୍ୟାରେ ଜଳେଶ୍ୱରର ୨୮ଟି ପଞ୍ଚାୟତର ୧୩୪ ଗାଁର ୧୦୫୪ଜଣ ଲୋକଙ୍କୁ ବିଭିନ୍ନ ଆଶ୍ରୟସ୍ଥଳୀକୁ ନିଆଯାଇଥିବା ବେଳେ ୬୦ କୁଇଣ୍ଟାଲ ଚାଉଳ, ୯୭ କୁଇଣ୍ଟାଲ ଚୂଡା, ୧୦ କୁଇଣ୍ଟାଲ ଗୁଡ, ୨୫୦ କୁଇଣ୍ଟାଲ ଗୋଖାଦ୍ୟ ଦିଆଯାଇଥିବା ରିପୋର୍ଟରେ ଦର୍ଶାଯାଇଛି।

